**Odisha Legislative Assembly**

## ପ୍ରଥମ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୦୬ ସେପ୍ଟେମ୍ବର ୨୦୨୪

----

**[ବିଦ୍ୟାଳୟ ଓ ଗଣଶିକ୍ଷା - ଉଚ୍ଚ ଶିକ୍ଷା - କ୍ରୀଡା ଓ ଯୁବକଲ୍ୟାଣ - ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା - ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି - ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ - ଶିଳ୍ପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ].**

**ମୋଟ ପ୍ରଶ୍ନର ସଂଖ୍ୟା - 251**

----

### ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ଭିତ୍ତିଭୂମୀ ବିକାଶ

**3113 ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-କେନ୍ଦ୍ରାପଡା ଜିଲ୍ଲାର ସର୍ବ ପୁରାତନ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଅଛନ୍ତି ?

----

### Out Sourcing ମାଧ୍ୟମରେ ନିଯୁକ୍ତି

**3530 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ଦଶମ ଶ୍ରେଣୀରୁ ଆଇ.ଟି. ପାଠ୍ୟକ୍ରମ ରହିଅଛି, କିନ୍ତୁ ପାଠ୍ୟକ୍ରମ ସାରିବା ପରେ ଛାତ୍ରଛାତ୍ରୀ ମାନଙ୍କୁ ସରକାରୀ ଦପ୍ତରରେ ନିୟମିତ କର୍ମଚାରୀ ଭାବରେ ନିଯୁକ୍ତି ନଦେଇ ଆଉଟ୍ ସୋର୍ସିଙ୍ଗ କମ୍ପାନୀ ମାଧ୍ୟମରେ ନିଯୁକ୍ତି ଦେଉଅଛି ଏହି ପ୍ରକ୍ରିୟା ବନ୍ଦ କରି ସରକାର ସାଧାସଳଖ ସରକାରୀ କାର୍ଯ୍ୟାଳୟରେ ନିଯୁକ୍ତି ଦେବେ କି ?

----

## Employment Exchange ରେ ନାମ ପଞ୍ଜିକରଣ

3738 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ଏବେ କେତୋଟି Employment Exchange ରହିଛି ଓ ସେସବୁରେ ଯୁବକ ଯୁବତୀମାନେ ନାମ Register କରିବା ପାଇଁ ଆଗ୍ରହ ଦେଖାଉଛନ୍ତି ନା ନାହିଁ ; ଉତ୍ତର ଯଦି ନାଁ ହୁଏ ତେବେ ତାର କାରଣ କଣ ; ଏବେ Employment Exchange ଗୁଡିକରେ କେତେ ବେକାର ଯୁବକ ଯୁବତୀଙ୍କର ନାମ Register ହୋଇ ରହିଛି ଓ ଗତ ତିନି ବର୍ଷରେ ପ୍ରତି ବର୍ଷ କେତେ ନୂଆ ନାମ Register ହୋଇଥିଲା ଓ କେତେ ଯୁବକ ଯୁବତୀଙ୍କ ପାଖକୁ କେଉଁ ପ୍ରକାର ଚାକିରୀ ପାଇଁ Call ଯାଇଥିଲା ଏବଂ କେତେ ଜଣ ନିଯୁକ୍ତି ପାଇଥିଲେ?

----

## ବର୍ଷା ପରିମାଣ ହ୍ରାସ

3858 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ଯୋଜନା

3873 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-(କ) ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ଯୋଜନାରେ କେଉଁ କେଉଁ ପ୍ରକଳ୍ପମାନ ନିଆଯାଇପାରିବ ଓ ସେହି ପ୍ରକଳ୍ପ ମାନଙ୍କର ତାଲିକା କେଉଁ ପଞ୍ଚାୟତରାଜ ସଂସ୍ଥାଦ୍ୱାରା ପ୍ରସ୍ତୁତ ହେବ ଏବଂ କେଉଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ହେବ, ତାହାର ଏକ ନିୟମାବଳୀ ଉପସ୍ଥାପନ କରିବେ କି ; (ଖ) କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକରେ ଗତ ୨୩ - ୨୪ ଆର୍ଥିକ ବର୍ଷରେ କେତେକେତେ ଟଙ୍କା କେଉଁ କେଉଁ ପ୍ରକଳ୍ପ ପାଇଁ ମଞ୍ଜୁର କରାଯାଇଅଛି ?

----

## Manufacturing Facilities for LITHIUM ION batteries

3985 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

a) How many proposals have been to set up manufacturing facilities for LITHIUM ION batteries and EV manufacturing plants in our state; (b) Details of the progress so far with the incentive package for such mega investments

along with next generation strategies ?

----

## ବିଜ୍ଞାନ ଶିକ୍ଷା ପାଇଁ ପଦକ୍ଷେପ

**4024 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः-ସରକାର ସ୍କୁଲ କଲେଜରେ ପିଲାମାନଙ୍କୁ ପାଠ ପଢାଇବା ସମୟରେ Space Centre, Planetorium, Rocket system ଓ ବିଭିନ୍ନ ଗ୍ରହ ଓ ଉପଗ୍ରହ ଉପରେ ତଥ୍ୟ ଜାଣିବା ପାଇଁ ବିଜ୍ଞାନ course ରେ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ନେବେ କି ; ଏ ସମସ୍ତ ବିଷୟରେ ଜ୍ଞାନ ଆହରଣ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆନୁଷଙ୍ଗିକ ସୁବିଧା ଯୋଗାଇଦେବେ କି?

----

## ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରଦାନ

**4069 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ରାଜ୍ୟରେ ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡିକୁ ଶିଳ୍ପସଂସ୍ଥା ସହ ସମନ୍ୱୟ କରି ବିଦ୍ୟାର୍ଥୀମାନଙ୍କୁ ଅତ୍ୟାଧୁନିକ ଜ୍ଞାନ କୌଶଳ ତାଲିମ ପ୍ରଦାନ କରି ସେମାନଙ୍କୁ ଆତ୍ମନିଯୁକ୍ତି ସୁଯୋଗ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଛି?

----

## ଆଦିବାସୀ ପଲ୍ଲୀଗ୍ରାମ ସର୍ବାଙ୍ଗୀନ ଉନ୍ନତ

**4181 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः-ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଆଦିବାସୀ ପଲ୍ଲୀଗ୍ରାମ ଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି ସହ ସେମାନଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦେବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଭୂତଳ ଜଳ ହ୍ରାସ

**4242 ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः-ଉତ୍ତାପ ଅଧିକ ଏବଂ ଭୂତଳ ଜଳସ୍ତର ହ୍ରାସର ପ୍ରତିକାର ପାଇଁ ରାଜ୍ୟରେ ଥିବା M.C.L, NALCO, N.T.P.C ସଂସ୍ଥାମାନେ C.S.R Fund କିପରି ବିନିଯୋଗ କରୁଛନ୍ତି ତାର ଏକ ସବିଶେଷ ବିବରଣୀ ଦେବେ କି?

----

## ଗ୍ରାମାଞ୍ଚଳ ମହିଳାମାନଙ୍କୁ ସ୍ୱାବଲମ୍ବନଶୀଳ କରିବାକୁ ଯୋଜନା ପ୍ରଣୟନ

4272 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-ବଲାଙ୍ଗୀର ଜିଲ୍ଲାରେ ଗ୍ରାମାଞ୍ଚଳ ମହିଳାମାନଙ୍କୁ ସ୍ୱାବଲମ୍ବନଶୀଳ କରିବାକୁ ସରକାର କି କି ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିଛନ୍ତି ବା କରିବାକୁ ଯାଉଛନ୍ତି ?

----

### କମ୍ପାନୀର ସଂଖ୍ୟା

4352 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-(କ) ଗୋପାଳପୁର ଷ୍ଟିଲ୍ ପ୍ଲାଣ୍ଟ ପରିସରରେ କେଉଁ କେଉଁ କମ୍ପାନୀ ପ୍ରତିଷ୍ଠା ହୋଇଛି, ମୋଟ ଉତ୍ପାଦିତ ସାମଗ୍ରୀ ପରିମାଣ, ମୋଟ ଶ୍ରମିକ (ନିଯୁକ୍ତି) ସଂଖ୍ୟା, (ଖ) ଗୋପାଳପୁର ଷ୍ଟିଲ୍ ପ୍ଲାଣ୍ଟ ମଧ୍ୟରେ ଏସ୍.ଇ.ଜେଡ଼୍ (SEZ) କେବେ ପ୍ରତିଷ୍ଠା ହେଲା, କେତେ ଜମିରେ ପ୍ରତିଷ୍ଠା ହୋଇଛି 2021-22-23 ରେ ଉତ୍ପାଦିତ ସାମଗ୍ରୀ ରପ୍ତାନୀ ସାମଗ୍ରୀର ଏକ ତାଲିକା ସହ ମୋଟ ଶ୍ରମିକ ସଂଖ୍ୟା କେତେ, କେତେ ଜଣଙ୍କର P.F କଟାଯାଇଛି ?

----

### ରାଜ୍ୟ ସାହିତ୍ୟ ଏକାଡେମୀ ଦ୍ୱାରା ମାନ୍ୟତା

4381 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡିଶାର ପୁରୀ ଜିଲ୍ଲା ଅନ୍ତର୍ଗତ କଣାସ ବ୍ଲକ ଠାରେ ଜନ୍ମିତ ଆଧ୍ୟାତ୍ମିକ ଗୁରୁ ଠାକୁର ଅଭିରାମ ପରମହଂସ ବେଦକୁ ରଚିତ ପୁସ୍ତକ "କଳି ଭାଗବତ" କୁ ବ୍ରିଟିସ ସରକାର ରଦ୍ଦ କରି ତାଙ୍କୁ ରାଜଦ୍ରୋହ ଅପରାଧରେ ଜେଲ (Jail) ରେ ରଖିଥିଲେ ; ଉକ୍ତ ପୁସ୍ତକକୁ ରାଜ୍ୟ ସାହିତ୍ୟ ଏକାଡେମୀରେ ପୁରସ୍କାର ଦେବା ସହ ସ୍ୱାଧିନତା ସଂଗ୍ରାମୀ ମାନ୍ୟତା ଦେବା ପାଇଁ ବ୍ୟବସ୍ଥା କରିବେ କି ?

----

### ଉଦଳା ଉପଖଣ୍ଡ ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ

4382 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମୟୁରଭଞ୍ଜ ଜିଲ୍ଲା ଉଦଳା ଉପଖଣ୍ଡରେ ଏକ "କେନ୍ଦ୍ରୀୟ ବିଦ୍ୟାଳୟ" ସ୍ଥାପନ ପାଇଁ ସ୍ଥାନ ନିରୂପଣ କରାଯାଇ ସ୍ଥାପନ ପାଇଁ ପଦକ୍ଷେପ ନେବେ କି ?

----

### ବରିଷ୍ଠ ନାଗରିକ ନିମନ୍ତେ Physiotherapy Clinic ସେବା

4383 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ 30 ଗୋଟି ଜିଲ୍ଲାରେ ବରିଷ୍ଠ ନାଗରିକ ନିମନ୍ତେ ଚାଲୁଥିବା Physiotherapy Clinic ସେବା ବନ୍ଦ କରାଯାଉଥିବା ବିଷୟରେ ସରକାର ଅବଗତ ଅଛନ୍ତି କି ; ଏହା ପୁନର୍ବାର କେତେ ଆରମ୍ଭ କରାଯିବ?

----

## ନିଷା ନିବାରଣ କେନ୍ଦ୍ରର ତାଲିକା

4384 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ସରକାରଙ୍କ ଦ୍ଵାରା ପରିଚାଳିତ ନିଶା ନିବାରଣ କେନ୍ଦ୍ରର ଏକ ତାଲିକା ଉପସ୍ଥାପନା କରିବେ କି ; ରାଜ୍ୟରେ ପ୍ରତ୍ୟେକ ଜିଲ୍ଲାରେ ନିଶା ନିବାରଣ କେନ୍ଦ୍ର ଖୋଲାଯିବା ସହିତ ରାଉରକେଲାରେ ଏକ ନିଶା ନିବାରଣ କେନ୍ଦ୍ର ଖୋଲାଯିବାର ବ୍ୟବସ୍ଥା କରିବେ କି?

----

## ଭୀମ ଭୋଇ ସାମର୍ଥ ଅଭିଯାନ ଯୋଜନାରେ ଭିନ୍ନକ୍ଷମ ଚିହ୍ନଟ

4385 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଭୀମ ଭୋଇ ସାମର୍ଥ ଅଭିଯାନ ଯୋଜନାରେ ରାଜ୍ୟରେ ମୋଟ କେଉଁ କେଉଁ ବର୍ଗର ଭିନ୍ନକ୍ଷମ ବ୍ୟକ୍ତି ଚିହ୍ନଟ ହୋଇଛନ୍ତି ଜିଲ୍ଲାୱାରୀ ତାର ତାଲିକା ଉପସ୍ଥାପନା କରିବେ କି ; ସରକାରଙ୍କ ନିଷ୍ପତ୍ତି ଅନୁଯାଇ ସମସ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ U.D.I.D. (Unique Disability Identy Card) କେତେ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଅଛି ଓ ବାକିଥିବା ଅନ୍ୟ ହିତାଧିକାରୀମାନଙ୍କୁ କେବେ ସୁଦ୍ଧା ପ୍ରଦାନ କରାଯିବ?

----

## Guideline for Sports Code

4386 **Sofia Firdous (Barabati-cuttack)ঃ**

Will the Minister for **Sports & Youth Services** be pleased to state thatঃ-ঃ-

(a) To what extent is the Government of Odisha implementing the provisions of the National Sports Development Code of India 2011, including its latest amendments, within the state's sports ecosystem; (b) What is the current budget allocation and utilization pattern for the development of various sports disciplines in Odisha, categorized as "priority", "general", and "others", as per the guidelines of the sports code and what steps has the state government taken to ensure transparent and accountable financial management practices among the National Sports Federations (NSFs) and other sports bodies operating in Odisha, as mandated by the latest version of

the Sports Code?

----

## Funds allocation

**4387 Sofia Firdous (Barabati-cuttack):**

Will the Minister for **Sports & Youth Services** be pleased to state that:-:-

(a) Given India's relatively low performance in the global Olympic medal tally, what specific initiatives and strategic measures are being implemented by the Odisha Government to enhance the state's contribution to India's Olympic performance; (b) How much has the Odisha government invested in the development of sports infrastructure, athlete training, and talent identification programmes across the state in the last five years, including a detailed breakdown of funds allocated to various sports disciplines and regions?

----

## ଭିଜିଲାନ୍ସ ତଦନ୍ତ

**4388 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ଓଡିଶାରେ କେଉଁ ବ୍ଲକ/ମ୍ୟୁନିସିପାଲଟିରେ କେତେଗୋଟି 5T ବିଦ୍ୟାଳୟ ନିର୍ମାଣ ହୋଇଛି ତାହାର ସମୁଦାୟ ମୂଲ୍ୟ କେତେ ଏବଂ ନିର୍ମାଣ ପରେ ଏଥିରେ ଦୁର୍ନୀତି ହୋଇଥିବାରୁ ମାତ୍ରାଧିକ ଅଭିଯୋଗ ଆସୁଥିବାରୁ ଉକ୍ତ ବିଦ୍ୟାଳୟ କାର୍ଯ୍ୟ ଗୁଡିକର ଏକ ଉଚ୍ଚସ୍ତରୀୟ ତଦନ୍ତ ଟିମ ଦ୍ୱାରା ତଦନ୍ତ କରାଇବେ କି ; (ଖ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ ସ୍କୁଲଗୁଡିକୁ କେତେ ଅର୍ଥ ବ୍ୟୟରେ 5T ରୂପାନ୍ତରଣ କାର୍ଯ୍ୟ ହୋଇଥିଲା, ବ୍ଲକ/ମ୍ୟୁନିସିପାଲଟି/ପ୍ରକଳ୍ପ/ସ୍କୁଲୱାରୀ ଏହାର ଏକ ସବିଶେଷ ବିବରଣୀ ପ୍ରଦାନ କରିବା ସହ ଆଇ.ଟି.ଆଇ ଓ ପୋଲିସ ଲାଇନ ବିଦ୍ୟାଳୟରେ ବ୍ୟାପକ ଦୁର୍ନୀତି ହୋଇଥିବା ବିଷୟରେ ସରକାର ଅବଗତ ଅଛନ୍ତି କି?

----

## ବିଦ୍ୟାଳୟ ନାମ ପରିବର୍ତ୍ତନ

**4389 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ଓଡିଶାରେ ପ୍ରାଇମେରୀ ସ୍କୁଲକୁ ହାଇସ୍କୁଲ ଓ ହାଇସ୍କୁଲକୁ ଯୁକ୍ତ 2 କଲେଜ upgrade କରିବା ପାଇଁ କେଉଁ ସବୁ ନିୟମାବଳୀ ରହିଛି ଏବଂ ଓଡିଶାରେ କେତେଗୋଟି ସ୍କୁଲ ଚଳିତ ଆର୍ଥିକ ବର୍ଷରେ upgrade ହେବ ? ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ଉକ୍ତ ଯୋଜନାରେ କେତେ ଗୋଟି ସ୍କୁଲ ଉପକୃତ ହେଉଛନ୍ତି ଏବଂ ବାଲେଶ୍ୱର ସଦର ବ୍ଲକର ଟିଆଖିଆ ଠାରେ ନୂତନ ଯୁକ୍ତ 2 କଲେଜ ଖୋଲିବା ପାଇଁ କିଛି ପ୍ରସ୍ତାବ ଅଛି କି ? ଏଠାରେ ଏକ ନୂତନ ମହାବିଦ୍ୟାଳୟ ଖୋଲିବା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିବେ କି ?

----

## 6th Pay ଅନୁସାରେ ଦରମା ପ୍ରଦାନ

4390 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ଆମ ରାଜ୍ୟରେ ସମଗ୍ର ଶିକ୍ଷା ଅଧିନରେ 314 ଗୋଟି Block Education officer ଙ୍କ କାର୍ଯ୍ୟାଳୟରେ 2012 ମସିହା ଠାରୁ ୨48 ଜଣ Accountant cum Support Staff କାର୍ଯ୍ୟ କରିଆସୁଛନ୍ତି, ସେମାନେ ଦୀର୍ଘ 12 ବର୍ଷ କାର୍ଯ୍ୟରତ ଥାଇ ବର୍ତ୍ତମାନ ୨,735 ଟଙ୍କା ସୀମିତ ଦରମା ପାଉଛନ୍ତି, ସରକାର ସେମାନଙ୍କୁ ରେଗୁଲାର କରିବା ଦିଗରେ ପଦକ୍ଷେପ ନେବେ; (ଖ) ପୂର୍ବରୁ OPEPA ବର୍ତ୍ତମାନ OSEPA ର 30th EC ଅନୁସାରେ ରାଜ୍ୟ ଓ ଜିଲ୍ଲା ସ୍ତରର କର୍ମଚାରୀମାନେ 6th pay ହିସାବରେ ଦରମା ନେଉଥିବା ବେଳେ BEO, Staff ମାନଙ୍କ ପାଇଁ EC ରେ provision ଥିବା ସତ୍ତ୍ୱେ ସେମାନଙ୍କୁ 6th pay ହିସାବରେ ଦରମା ଦିଆଯାଉ ନଥିବା ସତ୍ୟ କି ; ଯଦି ହଁ, ତାହେଲେ 6th pay ହିସାବରେ ଦରମା ଦେବାକୁ ପଦକ୍ଷେପ ନେବେ କି ?

----

## ସଂରକ୍ଷଣ ମଧ୍ୟରେ ସଂରକ୍ଷଣ ନୀତି ସମ୍ପର୍କରେ

4391 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ସଂରକ୍ଷଣ ମଧ୍ୟରେ ସଂରକ୍ଷଣ ଓ ସ୍ୱଚ୍ଛଳ ବର୍ଗର ଅପସାରଣ ପ୍ରସଙ୍ଗରେ ଦେଇଥିବା ରାୟ ଉପରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ କଣ ; (ଖ) ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟର ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବେ କି?

----

## Gradation list

4392 **Shri Ganeswar Behera (Kendrapara):**

Will the Minister for **Higher Education** be pleased to state that:-:- (a) Is there any plan for gradation of lecturers and creation of Principal Cadre; (b) If yes, the details there of?

----

## ଜରାଜୀର୍ଣ୍ଣ ରାସ୍ତାର ପୁନଃ ନିର୍ମାଣ

4393 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ଜିଲ୍ଲାରେ ଥିବା କେଉଁ ଶିକ୍ଷାଞ୍ଚଳରେ କେତେ କିଲୋମିଟର ରାସ୍ତା ଥିଲାବେଳେ ତନ୍ମଧ୍ୟରୁ କେତେ କିଲୋମିଟର ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ଏହାର ପୁନଃ ନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଅଧିକ ବେତନ ଦେବା

4394 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟର ବିଭିନ୍ନ ଘରୋଇ ବିଦ୍ୟାଳୟରେ ନାମ ଲେଖାଉଥିବା ଛାତ୍ରଛାତ୍ରୀଙ୍କଠାରୁ ଅଧିକ ଅର୍ଥ ଆଦାୟ ହେଉଥିବା ବେଳେ ଏଠାରେ ନିୟୋଜିତ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କୁ ସ୍ୱଳ୍ପ ବେତନ ଦିଆଯାଉଥିବା ଅଭିଯୋଗ ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କୁ ଅଧିକ ବେତନ ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ଜଗତସିଂହପୁର ଜିଲ୍ଲାରେ ଥିବା Skill Development Center

4395 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଜଗତସିଂହପୁର ଜିଲ୍ଲାର ଏରସମା ଏବଂ ବାଲିକୁଦା ବ୍ଲକରେ କେତେଗୋଟି Skill Development Center ପ୍ରତିଷ୍ଠା କରାଯାଇଛି ଏବଂ ଏହାଦ୍ୱାରା ପ୍ରତିବର୍ଷ କେତେ ପିଲାଙ୍କୁ Skill Development Training ଦିଆଯାଇ ନିଯୁକ୍ତି ପ୍ରଦାନ କରାଯାଇଛି, ପିଲା ମାନଙ୍କର ଉତ୍ସାହକୁ ଦେଖି Skill Development Center ସ୍ଥାପନ କରିବା ପାଇଁ ପଦକ୍ଷେପ ନେବେ କି ?

----

## କଲେଜ ଗୁଡିକର renovation କାର୍ଯ୍ୟ

4396 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଗତସିଂହପୁର ଜିଲ୍ଲାର ଏରସମା ଏବଂ ବାଲିକୁଦା ଅଧିନସ୍ଥ କେଉଁ କେଉଁ College ଗୁଡିକର renovation କାର୍ଯ୍ୟ ଗତ ଦୁଇ ବର୍ଷ ମଧ୍ୟରେ କରାଯାଇଛି ଏବଂ ଏ ବାବଦରେ କେଉଁ college ବାବଦରେ କେତେ ଅର୍ଥ ବ୍ୟୟ ହୋଇଛି ଜଣାଇବେ କି, ଏହା ବ୍ୟତୀତ ଯେଉଁ college ଗୁଡିକରେ renovation ନିହାତି ଆବଶ୍ୟକ ସେଗୁଡିକ ଅନୁଧ୍ୟାନ କରି ତୁରନ୍ତ ପଦକ୍ଷେପ ନେବେ କି, କିମ୍ବା ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ବ୍ୟବସ୍ଥା କରିବେ କି ?

----

## ବନ୍ଦ ହୋଇଥିବା ସ୍କୁଲ ପୁନଃ ଖୋଲିବା

**4397 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ସବୁ ବନ୍ଦ ଥିବା ସ୍କୁଲ ଗୁଡିକୁ ଖୋଲିବା ପାଇଁ ଓ ବିଭିନ୍ନ ସ୍କୁଲରେ ଆବଶ୍ୟକ ଥିବା ଶିକ୍ଷକ ପଦ ପୂରଣ ପାଇଁ କି ପଦକ୍ଷେପ ନେଉଛନ୍ତି ?

----

## ସପ୍ତମ ବେତନ ଆଧାରରେ ଦରମା ଦେବା

**4398 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସମାନ କାମକୁ ସମାନ ଦରମା ଉପରେ ପ୍ରତିଶୃତି ଦେଇଥିବାବେଳେ ୬୬୨ ବର୍ଗ କଲେଜର ଅଧ୍ୟାପକ ଓ କର୍ମଚାରୀମାନେ ୪୮୮ ବର୍ଗ କନିଷ୍ଠ ଅଧ୍ୟାପକ, ପିଇଟି, ଲାଇବ୍ରେରୀଆନ୍ ମାନଙ୍କଠାରୁ କମ୍ ଦରମା ପାଉଥିବା କଥା ସରକାର ଜାଣନ୍ତି କି, ଯଦି ହଁ ତେବେ ଏହା ସମ୍ଭବ କିପରି ହେଉଛି, ଗତ ସରକାର ୧.୧.୨୦୨୨ ରୁ ୩୧.୧୨.୨୦୨୨ ପର୍ଯ୍ୟନ୍ତ ସପ୍ତମ ବେତନ କମିଶନ ଆଧାରରେ ସମାନ ଦରମା ଦେଇଥିବା ବେଳେ ପୁଣୁ କେଉଁ ଆଧାରରେ କନିଷ୍ଠଙ୍କୁ ଅଧିକ ଦରମା ଦେଇ ବରିଷ୍ଠଙ୍କୁ କମ୍ ଦରମା ଦେଉଛନ୍ତି, ସରକାର କେବେ ସମାନ କାମକୁ ସମାନ ଦରମା ଦେବେ ?

----

## ଦାବୀ ଗୁଡିକ ଉପରେ ସମାଧାନ

**4399 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଉଚ୍ଚଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଅଧ୍ୟାପକ/ ଅଧ୍ୟାପିକା ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କର କେଉଁ କେଉଁ ସମୂହ ଦାବୀଗୁଡିକ କେବେଠାରୁ କେଉଁମାନଙ୍କ ଦ୍ୱାରା ଦୀର୍ଘଦିନ ହେବ ପଡିରହିଛି ଏବଂ ସେଗୁଡିକ ସମାଧାନ ଦିଗରେ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି, ସମସ୍ତ ଦାବୀଗୁଡିକର ନକଲ ଏବଂ ବିଭାଗ ପକ୍ଷରୁ ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି ?

----

## Merger of Primary Schools

**4400 Shri Ranendra Pratap Swain (Athagarh):**

Will the Minister for **School and Mass Education** be pleased to state that:-:-

a) Merger of Primary Schools with the negihbouring schools on the plea that these schools have inadequate student enrolment negates the idea of imparting education to every child of in every hamlet was initiated by which order communication/ direction of the Central Govt. to the State Govt. in this

connection be given in details; b) The details of total No. of Primary schools thus shutdown districtwise, so far and the no. of students asked to travel to neighbouring schools. Additionally the Group-D workers who are involved in preparation of Mid-Day-Meals thus dismissed ?

----

## ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ମଧ୍ୟାହ୍ନ ଭୋଜନ, ପାଠ୍ୟ ପୁସ୍ତକ ଯୋଗାଣ

4401 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ୨୦୧୩ ମସିହା ଅନୁଦାନ ଆଇନରୁ ବାଦ ପଡିଥିବା ୧୬୭ ବର୍ଗର ଉଚ୍ଚବିଦ୍ୟାଳୟ ଗୁଡିକୁ ସରକାରଙ୍କ ଦ୍ୱାରା ସମସ୍ତ ପ୍ରକାରର ତର୍ଜମା ହୋଇ ଆଇନ ବିଭାଗ ଓ ଅର୍ଥ ବିଭାଗର ଅନୁମୋଦନ ସତ୍ତ୍ୱେ ସରକାର ଏହାକୁ ଅନୁଦାନ ଦେବାରେ ବିଳମ୍ବ କରିବାର କାରଣ କ'ଣ, ଏବଂ ସେମାନଙ୍କୁ କେବେସୁଦ୍ଧା ଅନୁଦାନ ପ୍ରଦାନ କରାଯିବ ନିର୍ଦ୍ଦିଷ୍ଟଭାବେ ଜଣାଇବେ କି , ଏବଂ (ଖ) ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ, ମଧ୍ୟାହ୍ନ ଭୋଜନ, ଡ୍ରେସ୍ ଓ ସାଇକେଲ ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## Study Loan ପ୍ରଦାନ

4402 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଉଚ୍ଚଶିକ୍ଷା ପାଇଁ ରାଜ୍ୟର କେତେ ଛାତ୍ରଛାତ୍ରୀଙ୍କୁ study loan କେତେ ପରିମାଣର ପ୍ରଦାନ ହୋଇଛି ଏବଂ ସେହି ଋଣର ସୁଧ ହାର କେତେ, ତାହାର ବିଗତ 3 ବର୍ଷର ତଥ୍ୟ ଜିଲ୍ଲାୱାରୀ ପ୍ରଦାନ କରିବେ କି ?

----

## ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି

4403 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଆଦିବାସୀ ଛାତ୍ରଛାତ୍ରୀଙ୍କର ଶିକ୍ଷା ପ୍ରତି ଆଗ୍ରହ ବଢାଇବା ଲକ୍ଷ୍ୟରେ ଆରମ୍ଭ ହେଉଥିବା ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ବଡଚଣା ବ୍ଲକର କେତେଜଣଙ୍କୁ ସାମିଲ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ଲାଭାର୍ଥୀଙ୍କୁ କେଉଁ ମାର୍ଗଦର୍ଶିକା ଆଧାରରେ ଏବଂ କେବେସୁଦ୍ଧା ଚିହ୍ନଟ କରାଯିବ?

----

## ପାରିଶ୍ରମିକ ବୃଦ୍ଧି ପାଇଁ ପଦକ୍ଷେପ

4404 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପାଠ ପଢାଉଥିବା ଅତିଥି ଅଧ୍ୟାପକମାନେ କେତେ ପାରିଶ୍ରମିକ ପାଉଛନ୍ତି ଓ ସେମାନଙ୍କୁ ମାସରେ ସର୍ବାଧିକ କେତୋଟି କ୍ଲାସ ନେବାକୁ ଅନୁମତି ମିଳୁଛି ? ଏହି ଅତିଥି ଅଧ୍ୟାପକମାନଙ୍କ ପାରିଶ୍ରମିକ ବଢାଇବାକୁ ସରକାରଙ୍କର କୌଣସି ଯୋଜନା ଅଛି କି, ଯଦି ହଁ, ତେବେ ପାରିଶ୍ରମିକ କେବେ କେତେ ପରିମାଣ ବୃଦ୍ଧି କରିବେ ?

----

## ରୂପାନ୍ତିକରଣ ବାବଦରେ ବ୍ୟୟ

4405 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବିଦ୍ୟାଳୟ ରୂପାନ୍ତିକରଣ ଯୋଜନାରେ ରାଜ୍ୟର ମୋଟ କେତୋଟି ବିଦ୍ୟାଳୟ ରୂପାନ୍ତର ହୋଇଛି ଓ ଏବାବଦରେ କେତେ ଅର୍ଥ ବ୍ୟୟ ହୋଇଛି, ରୂପାନ୍ତିକରଣ କାର୍ଯ୍ୟରେ ବିଦ୍ୟାଳୟରେ କେଉଁ କେଉଁ ରୂପାନ୍ତିକରଣ ହୋଇଛି, ଝାରସୁଗୁଡା ଜିଲ୍ଲାରେ କେତୋଟି ବିଦ୍ୟାଳୟ ରୂପାନ୍ତିକରଣ ହୋଇଛି ଓ ଏବାବଦରେ କେତେ ଅର୍ଥ ବ୍ୟୟ ହୋଇଛି ?

----

## ଖେଳ ପଡିଆ ନିର୍ମାଣ

4406 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେତୋଟି ମହାବିଦ୍ୟାଳୟରେ ଖେଳ ପଡିଆ ଅଛି କିମ୍ବା ମହାବିଦ୍ୟାଳୟ ନିଜସ୍ୱ ଜମିରେ ଛାତ୍ରଛାତ୍ରୀମାନେ କ୍ରୀଡା ଅଭ୍ୟାସ କରୁଛନ୍ତି, ସରକାର ଏହାର ସଠିକ୍ ସଂଖ୍ୟା ଉପସ୍ଥାପନ କରିବେକି, ଖେଳ ପଡିଆ ନଥାଇ ନିଜସ୍ୱ ଜମିରେ କ୍ରୀଡା କସରତ କରୁଥିବା ସ୍ଥଳରେ ଖେଳପଡିଆ (Stadium) ବ୍ୟବସ୍ଥା କରିବାକୁ ଅର୍ଥ ମଂଜୁର ହେବ କି?

----

## ସ୍ୱତନ୍ତ୍ର ଭତ୍ତା ପ୍ରଦାନ

4407 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ନୂତନ ଅନୁଦାନଭୁକ୍ତ ଉଚ୍ଚବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ଶିକ୍ଷା କର୍ମଚାରୀମାନେ ଅବସର ନେବା ପରେ ସେମାନଙ୍କ ପାଇଁ କୌଣସି ପେନସନ ଅବସ୍ଥା ନଥିବାରୁ ନିଜର ଏବଂ ପରିବାର ପ୍ରତିପୋଷଣ କରିବା ପାଇଁ ନାହିଁ ନଥିବା ଦୁଃଖ ଯନ୍ତ୍ରଣା ଭୋଗ କରୁଥିବା ସରକାର ଅବଗତ ଅଛନ୍ତି କି, ସେମାନଙ୍କ ପାଇଁ ଅବସରକାଳୀନ ପେନସନ କିମ୍ବା ସ୍ୱତନ୍ତ୍ର ଭତ୍ତା ପ୍ରଦାନ ବ୍ୟବସ୍ଥା କରାଯାଇଛି କି, ବ୍ୟବସ୍ଥା ହୋଇନଥିଲେ ସରକାର କଣ ପଦକ୍ଷେପ ନେବେ?

----

## ଶିକ୍ଷକ ନିଯୁକ୍ତି

4408 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଥିବା ପୂର୍ଣ୍ଣଅନୁଦାନଭୁକ୍ତ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ନୂତନ ଅନୁଦାନଭୁକ୍ତ ଉଚ୍ଚବିଦ୍ୟାଳୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ କେତେ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ପଦବୀ ଖାଲିଅଛି ସରକାର ଏହାର ସର୍ବଶେଷ ତଥ୍ୟ ଉପସ୍ଥାପନ କରିବେକି, ଏହି ଖାଲିଥିବା ସ୍ଥାନ ପୁରଣ ପାଇଁ ସରକାରଙ୍କର ନିର୍ଦ୍ଦିଷ୍ଟ ପଦକ୍ଷେପ କଣ?

----

**Birla ଟାୟାର୍ସକୁ କାର୍ଯ୍ୟକ୍ରମ କରିବାକୁ ପଦକ୍ଷେପ**

4409 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବାଲେଶ୍ୱର ସହର ଉପକଣ୍ଠରେ ଦୀର୍ଘଦିନ ହେବ ବନ୍ଦ ହୋଇପଡିରହିଥିବା Birla ଟାୟାର୍ସ କଂପାନୀକୁ ପୁଣିଥିରେ କାର୍ଯ୍ୟକ୍ଷମ କରିବା ପାଇଁ ଡାଲମିଆ କଂପାନୀ ପୁଣିଥରେ ପଦକ୍ଷେପ ନେଉଥିବା ସତ୍ୟକି, ଯଦି ହଁ ହୁଏ ତେବେ କଂପାନୀର ଅଗ୍ରଗତି ବର୍ତ୍ତମାନ କେଉଁ ସ୍ତରରେ ଏବଂ ଉକ୍ତ କାରଖାନାର ପୂର୍ବରୁ ଯେଉଁ କର୍ମଚାରୀମାନେ ଚାକିରୀ ହରାଇଥିଲେ ସେମାନଙ୍କ ସଂଖ୍ୟା କେତେ, ସେମାନଙ୍କୁ ପୁନଃ ନିଯୁକ୍ତି କରିବେକି?

----

**ଅନୁଦାନ ପ୍ରଦାନ**

4410 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଥିବା 20 ଗୋଟି ସଂସ୍କୃତ ବିଦ୍ୟାଳୟ ସ୍ୱୀକୃତିପ୍ରାପ୍ତ ଥାଇ ନିୟମ ଅନୁଯାୟୀ ଅନୁଦାନ ପାଇବାକୁ ସମସ୍ତ ଯୋଗ୍ୟତା ହାସଲ କରିଅଛନ୍ତି, ଉକ୍ତ ବିଷୟରେ ସମସ୍ତ ତଥ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରୁ ଦିର୍ଘ ଦିନ ଧରି ସରକାର ନିକଟକୁ ପଠାଯାଇଥିଲେ ସୁଦ୍ଧା ଅଦ୍ୟାବଧି ସେଗୁଡିକୁ ଅନୁଦାନ ପରିସରଭୁକ୍ତ ନକରିବାର କାରଣ କଣ ଓଏଗୁଡିକୁ କେବେସୁଦ୍ଧା ଅନୁଦାନ ପରିସରଭୁକ୍ତ କରିବେକି?

----

**100 ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ**

4411 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସିମୁଳିଆ ନିର୍ବାଚନମଣ୍ଡଳୀରେ ହରିଜନ ଆଦିବାସୀ ଛାତ୍ରଛାତ୍ରୀମାନଙ୍କ ପାଇଁ କେତୋଟି ଉଚ୍ଚବିଦ୍ୟାଳୟମାନଙ୍କରେ ଛାତ୍ରାବାସର ବ୍ୟବସ୍ଥା ଅଛି, (ଖ) ତନ୍ମଧ୍ୟରୁ ଖଇରା ବ୍ଲକ ଅନ୍ତର୍ଗତ ସୁଣ୍ଡିରା ଗ୍ରାମ ପଂଚାୟତ ଅଧିନସ୍ଥ ଅଖଣ୍ଡେଶ୍ୱରାୟ ବାଳିକା ବିଦ୍ୟାଳୟଟି ୧୯୪୪ ମସିହାରୁ ପ୍ରତିଷ୍ଠା ହୋଇଥିଲେ ସୁଦ୍ଧା ଅଦ୍ୟାବଧି 100 ରୁ ଉର୍ଦ୍ଧ୍ୱ ଅନୁସୂଚିତ ଜାତି ଓ ଜନଜାତି ବାଳିକା ଅଧ୍ୟୟନ କରୁଥିବାସ୍ଥଳେ ସେମାନଙ୍କ ପାଇଁ 100 ଶଯ୍ୟା ବିଶିଷ୍ଟ ଛାତ୍ରାବାସ ସ୍ଥାପନ ପାଇଁ ପଦକ୍ଷେପ ନେବେକି?

----

## ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କ ଆଗ୍ରହ ସୃଷ୍ଟି

4412 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ +2 course ରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ କେତେ ପ୍ରତିଶତ ବିଜ୍ଞାନ, କେତେ ପ୍ରତିଶତ ବାଣିଜ୍ୟ ଓ କେତେ ପ୍ରତିଶତ କଳା ଇତ୍ୟାଦି ବିଷୟରେ ପଢୁଛନ୍ତି ଏବଂ ଛାତ୍ରଛାତ୍ରୀମାନଙ୍କର ଆଗ୍ରହ କେଉଁ ପାଠ୍ୟକ୍ରମ ପ୍ରତି କେତେ ଅଧିକ ରହୁଛି ଏବଂ ସେଗୁଡିକ ପ୍ରତି ଚାହିଦା ପୁରଣ ପାଇଁ କଣ କରାଯାଉଅଛି?

----

## ପାଠ ପଢିବାର ବୟସ

4413 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଅନୁସୂଚିତ ଜନଜାତି ଓ ଜାତିର ଲୋକଙ୍କ ମଧ୍ୟରେ ପାଠ ପଢିବାର ବୟସର ବାଳକ ବାଳିକା ଓ ଅନ୍ୟମାନଙ୍କ ମଧ୍ୟରୁ କେତେ ପ୍ରତିଶତ ବର୍ତ୍ତମାନ କେଉଁ ଶିକ୍ଷା ଓ ତାଲିମ୍ ଲାଭ କରୁଛନ୍ତି ଏବଂ ଯେଉଁମାନେ ପଢୁନାହାଁନ୍ତି ତାହାର କାରଣ କଣ ଓ ଏହାର ସମାଧାନ ଲାଗି ସରକାର କଣ ପଦକ୍ଷେପ ନେଉଛନ୍ତି?

----

## ଅଣ ଆନୁଷ୍ଠାନିକ ଶିକ୍ଷା ବନ୍ଦ

4414 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ଓଡିଶାରେ ଅଣ ଆନୁଷ୍ଠାନିକ ଶିକ୍ଷା କେଉଁ ମସିହାରେ ଆରମ୍ଭ କରାଯାଇଥିଲା ଓ କେତେ ଜଣ ଶିକ୍ଷକ / ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଥିଲା ଏବଂ କେଉଁ କାରଣରୁ ଓ କେବେ ଅଣ ଆନୁଷ୍ଠାନିକ ଶିକ୍ଷାକୁ ବନ୍ଦ କରିଦିଆଗଲା, (ଖ) ଅଣ ଆନୁଷ୍ଠାନିକ ଶିକ୍ଷା ବନ୍ଦ ହେବା ପରେ କେତେ ଜଣ ଶିକ୍ଷକ / ଶିକ୍ଷୟିତ୍ରୀଙ୍କୁ ଛଟେଇ କରାଗଲା ଓ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଗଣଶିକ୍ଷକଭାବେ ପୁନଃ ନିଯୁକ୍ତି ଦିଆଗଲା ଓ ବର୍ତ୍ତମାନସୁଦ୍ଧା ଆଉ କେତେଜଣ ଅଣ ଆନୁଷ୍ଠାନିକ ଶିକ୍ଷକ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ଯୋଗ୍ୟତାଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯାଇନାହିଁ ଏବଂ ସରକାର ସେମାନଙ୍କୁ ଯୋଗ୍ୟତାଭିତ୍ତିରେ ନିଯୁକ୍ତି ସୁଯୋଗ ଦେବା ପାଇଁ ବିଚାର କରିବେକି?

----

## ବିଦ୍ୟାଳୟକୁ ଅନୁଦାନ ପରିସରଭୁକ୍ତ

4415 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଲାଙ୍ଗୀର ଜିଲ୍ଲାର କେଉଁ ବ୍ଲକରେ ଥିବା କେଉଁ ଉଚ୍ଚ ବିଦ୍ୟାଳୟ, ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଅନୁଦାନପ୍ରାପ୍ତ ହୋଇପାରିନାହିଁ ପ୍ରକାଶ କରି ଏହାକୁ ଅନୁଦାନ ପରିସରଭୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ

4416 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଲାଙ୍ଗୀର ଜିଲ୍ଲାର କେଉଁ କେଉଁ ବ୍ଲକର କେଉଁ ମହାବିଦ୍ୟାଳୟ ଅଦ୍ୟାବଧି ଅନୁଦାନପ୍ରାପ୍ତ ହୋଇନାହିଁ ପ୍ରକାଶ କରି ଏହାକୁ ଅନୁଦାନ ପରିସରଭୁକ୍ତ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଶିଳ୍ପ ପାଇଁ ଇଡ଼କୋ ପାଖରେ ଥିବା ଜମି

4417 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଵା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ଶିଳ୍ପର ବିକାଶ ପାଇଁ ରାଜ୍ୟର କେଉଁ କେଉଁ ଜିଲ୍ଲାରେ ଇଡ଼କୋ ପାଖରେ କେତେ ଜମି ଅଛି ,ଏବଂ ବଡ଼ମ୍ବା ନିର୍ବାଚନ ମଣ୍ଡଳୀରେ ଉଡ଼କୋ ତରଫରୁ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି; (ଖ) ଶିଳ୍ପବିହୀନ ଜିଲ୍ଲା ଗୁଡ଼ିକୁ କେତେ ପ୍ରକାର ରିହାତି ଦିଆଯାଇଅଛି ? ଏ ରିହାତି ମାଧ୍ୟମରେ ଶିଳ୍ପପତିମାନେ ଆଗେଇ ଆସି କି କି ଶିଳ୍ପ ଗତ ୧୦ ବର୍ଷରେ ପ୍ରତିଷ୍ଠା କରିଛନ୍ତି ?

----

## ବିଦ୍ୟାଳୟକୁ Computer ଶିକ୍ଷକ ନିଯୁକ୍ତି

4418 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଵା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

(କ) ବିଦ୍ୟାଳୟ ରୂପାନ୍ତରୀକରଣରେ ଓଡ଼ିଶାର ସମସ୍ତ ବିଦ୍ୟାଳୟର ରୂପ ବଦଳିଛି କି; (ଖ) ସରକାରୀ ବିଦ୍ୟାଳୟକୁ Computer ଯୋଗାଇ ଦେଇଛନ୍ତି କିନ୍ତୁ Computer ଶିକ୍ଷକ ନଥିବାରୁ ଏହାର ସଦୁପଯୋଗୀ ହୋଇପାରୁ ନାହିଁ, ତେଣୁ Computer ଶିକ୍ଷକ ନିଯୁକ୍ତି ନିମନ୍ତେ କି ପ୍ରକାର ପ୍ରସ୍ତାବ ଅଛି ?

----

## ଅନାଥ ଶିଶୁ, ନିଃସହାୟ ମାନଙ୍କୁ ଥଇଥାନ

4419 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଵା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଥିବା ଅନାଥ ଶିଶୁ, ନିଃସହାୟ ବୃଦ୍ଧ, ବୃଦ୍ଧା,ଅସହାୟ ନିର୍ଯ୍ୟାତିତ ମହିଳା, ଅବିବାହିତ ମହିଳା, ବିଧବା, ଭିନ୍ନକ୍ଷମମାନଙ୍କ ଥଇଥାନ ପାଇଁ ସ୍ୱତନ୍ତ୍ର ଯୋଜନା କଣ ଅଛି ଏବଂ ସେମାନଙ୍କୁ ଆର୍ଥିକ ସହାୟତା ପାଇଁ ଯଥାଶୀଘ୍ର ବ୍ଲକ ଉନ୍ନୟନ ଅଧିକାରୀ କିମ୍ବା ସ୍ଥାନୀୟ ବିଧାୟକଙ୍କ ପାଖରେ ପାଣ୍ଠିର ବ୍ୟବସ୍ଥା ଅଛି କି, ଯଦି ଉତ୍ତର ନାହିଁ ତେବେ ନୂତନ ଯୋଜନା ଘୋଷଣା କରିବେ ?

----

## ଗ୍ରନ୍ଥାଗାର ଭିତ୍ତିଭୂମି ଉନ୍ନୟନ

4420 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଗ୍ରନ୍ଥାଗାର ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ?

----

## କଥିତ ଓ ଲିଖିତ ଆଦିବାସୀ ଭାଷା ପ୍ରଚଳିତ

4421 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ କେଉଁ କଥିତ ଓ ଲିଖିତ ଆଦିବାସୀ ଭାଷା ପ୍ରଚଳିତ ଅଛି, ଏହି ଭାଷା କେତେ ଲୋକ ବ୍ୟବହାର କରୁଛନ୍ତି, ସମ୍ପୃକ୍ତ ଭାଷାଗୁଡ଼ିକ ଉପରେ ଉଚ୍ଚତର ଗବେଷଣା କରି ଏହି ଭାଷାଗୁଡ଼ିକର ସୁରକ୍ଷା, ବିକାଶ ଓ ଗବେଷଣା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା

4422 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚମ୍ପୁଆସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତ ଦେବାକୁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଘରୋଇ ଅନୁଷ୍ଠାନକୁ ସହାୟତା ପ୍ରଦାନ

4423 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ ସେବାମୂଳକ ଲକ୍ଷ୍ୟରେ ପ୍ରତିଷ୍ଠିତ ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିର, ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର ଭଳି ଶିକ୍ଷାନୁଷ୍ଠାନମାନେ ଉନ୍ନତ ମାନର ଶିକ୍ଷା ପ୍ରଦାନ କରି ମେଧାବୀ ବିଦ୍ୟାର୍ଥୀ ସୃଷ୍ଟିକରି ସେମାନଙ୍କୁ ସମାଜରେ ସୁପ୍ରତିଷ୍ଠିତ କରୁଥିବା ବେଳେ ଏଠାରେ ନିୟୋଜିତ ଥିବା ଗୁରୁଜୀ ଓ ଗୁରୁମାମାନେ ସ୍ୱଳ୍ପ ବେତନରେ କାର୍ଯ୍ୟ କରୁଛନ୍ତି, ଏହି ଅନୁଷ୍ଠାନକୁ ସରକାରଙ୍କ ତରଫରୁ ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା କରି ଗୁରୁଜୀ ଓ ଗୁରୁମା' ମାନଙ୍କ ଜୀବନଧାରଣ ମାନ ଉନ୍ନତି ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ଖାଲିଥିବା ପଦବୀ ପୂରଣ

4424 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଭଣ୍ଡାରୀପୋଖରୀ ଓ ବନ୍ତ ବ୍ଲକରେ ଥିବା କେଉଁ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ କେଉଁ ପାଠ୍ୟକ୍ରମରେ କେତେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଏଠାରେ ମଞ୍ଜୁରୀପ୍ରାପ୍ତ ବିଭିନ୍ନ ବର୍ଗର ଅଧ୍ୟାପକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହାର ଅନୁଷ୍ଠାନଓ୍ୱାରୀ ତାଲିକା ଦର୍ଶାଇ ଏହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ମହାବିଦ୍ୟାଳୟର ଭିତ୍ତିଭୂମି ଉନ୍ନୟନ

4425 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଭଣ୍ଡାରୀପୋଖରୀ ଓ ବନ୍ତ ବ୍ଲକରେ ଥିବା କେଉଁ ମହାବିଦ୍ୟାଳୟର ଓ ଭିତ୍ତିଭୂମି ଉନ୍ନୟନ ପାଇଁ ବିଗତ ତିନି ବର୍ଷରେ କେଉଁ କେଉଁ ବାବଦରେ କେତେ ଅର୍ଥ ଅନୁଦାନ ପ୍ରଦାନ କରାଯାଇଛି, ପ୍ରକାଶ କରି ଗ୍ରାମାଞ୍ଚଳରେ ଥିବା ଏହି ମହାବିଦ୍ୟାଳୟ ମାନଙ୍କର ଭିତ୍ତିଭୂମି ଉନ୍ନୟନ ପାଇଁ ଅଧିକ ଅନୁଦାନ ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ନୂଆ ଓ କାର୍ଯ୍ୟକ୍ରମ ପାଇଁ ଅନୁଦାନ

4426 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- "ନୂଆ ଓ " କାର୍ଯ୍ୟକ୍ରମ ଜରିଆରେ ଗତ ସରକାର କଲେଜ ମାନଙ୍କୁ (କଲେଜ ପିଛା) କେତେ ଟଙ୍କାର ଅନୁଦାନ କେଉଁ ମସିହା ପର୍ଯ୍ୟନ୍ତ ଦେଇଥିଲେ? ଏହି ଟଙ୍କା ଖର୍ଚ୍ଚ ପାଇଁ ହୋଇଥିବା Guideline ର ତଥ୍ୟ ପ୍ରଦାନ କରିବା ସହ ଏହା ଦ୍ୱାରା କଲେଜ ଗୁଡ଼ିକର କି ପ୍ରକାର ଗୁଣାତ୍ମକ ଉନ୍ନତି ହୋଇଛି?

----

## ବୃହତ Automotive କାରଖାନା ସ୍ଥାପନ

**4427 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଓଡ଼ିଶାରେ ବର୍ତ୍ତମାନ କେତେ AUTOMOTIVE କାରଖାନା ଅଛି? ଯଦି ହଁ ତେବେ ଏହା କେଉଁ କେଉଁ ଜାଗାରେ ଅଛି? ଓଡ଼ିଶାରେ ବିଭିନ୍ନ ପ୍ରକାର ଖଣିଜ ପଦାର୍ଥ ଉପଲବ୍ଧ ହେଉଥିଲେ ହେଁ ବୃହତ୍ AUTOMOTIVE କାରଖାନା ସ୍ଥାପନ କରିବାର ଯଥେଷ୍ଟ ସୁଯୋଗ ରହିଛି, ଏହି କାରଖାନା ଓଡ଼ିଶା ରାଜ୍ୟରେ ସ୍ଥାପନ ପାଇଁ ସରକାରଙ୍କର କିଛି ପ୍ରଚେଷ୍ଟା ଓ ପ୍ରସ୍ତାବ ଅଛି କି ?

----

## ନିଯୁକ୍ତି ପ୍ରତିକ୍ଷାରେ ଥିବା C.T. ଏବଂ B.Ed.ଧାରୀ

**4428 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତେ ସଂଖ୍ୟକ ବି.ଏଡ୍. ଓ ସି.ଟି. ଉତ୍ତୀର୍ଣ୍ଣ ପ୍ରାର୍ଥୀ ନିଯୁକ୍ତି ପ୍ରତୀକ୍ଷାରେ ଅଛନ୍ତି, ସେମାନଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ଦରମା ଦେବା

**4429 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଟାଙ୍ଗୀ ମହାବିଦ୍ୟାଳୟର ଶିକ୍ଷା ଭିତ୍ତିଭୂମି ଉନ୍ନୟନ ସହ ଏହି ମହାବିଦ୍ୟାଳୟରେ ଅନୁଦାନ ପାଇ ନଥିବା ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଅନୁଦାନ ପ୍ରଦାନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ବୈଷୟିକ ପ୍ରାର୍ଥୀଙ୍କୁ ନିଯୁକ୍ତି

**4430 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଶିକ୍ଷିତ ବୈଷୟିକ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଓ ଆତ୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି ପାଇଁ ସରକାର ବ୍ୟାପକ ଶିଳ୍ପାୟନ ନିମନ୍ତେ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## Sanitation Facilities of Schools

**4431 Shri Sagar Charan Das (Bhawanipatna):**

Will the Minister for **School and Mass Education** be pleased to state that:-:- How many schools in Western Odisha are currently operating without proper sanitation facilities, and what is the timeline for ensuring all schools have functional toilets?

----

## Accreditation by NAAC

**4432 Shri Sagar Charan Das (Bhawanipatna):**

Will the Minister for **Higher Education** be pleased to state that:-:-

How many colleges in the KBK region have been accredited by NAAC, and what measures are being taken to improve the accreditation status of other colleges?

----

## ବେକାର ଯୁବକ/ଯୁବତୀମାନଙ୍କ ଦକ୍ଷତା ତାଲିକା ଦେବା

**4433 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାୟଗଡ଼ା ଜିଲ୍ଲାରେ ବୈଷୟିକ ଶିକ୍ଷା ପ୍ରଦାନ ପାଇଁ କେଉଁ ସରକାରୀ ଓ ଘ ରୋଇ ଶିକ୍ଷାନୁଷ୍ଠାନ ମାଧ୍ୟମରେ ବାର୍ଷିକ କେତେ ଜଣ ବିଦ୍ୟାର୍ଥୀ ଙ୍କୁ କେଉଁ କେଉଁ ପାଠ୍ୟକ୍ରମରେ ଶିକ୍ଷା ଦିଆ ଯାଉଛି,ପ୍ରକାଶ କରି ଜିଲ୍ଲାରେ ବୈଷୟିକ ଶିକ୍ଷା ଭିତ୍ତିଭୂମି ଉନ୍ନୟନ ପାଇ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ବେକାର ଯୁବକ ଯୁବତୀଙ୍କୁ ଦକ୍ଷତା ବିକାଶ ତାଲିମ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଭିନ୍ନକ୍ଷମମାନଙ୍କୁ ସଶକ୍ତିକରଣ କରିବା

**4434 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ସାମାଜିକ ସୁରକ୍ଷା ଓ ଭିନ୍ନ କ୍ଷମ ସଶକ୍ତି କରଣ ନିମନ୍ତେ ସରକାରଙ୍କ ତରଫରୁ କଣ ସବୁ ପ୍ଲାନ୍, ପ୍ରୋଗ୍ରାମ, ଏବଂ ସ୍କିମ ରହିଛି, ପ୍ରାଞ୍ଜଳ ଭାବରେ ଦର୍ଶାଇବେ କି ଏବଂ ବିଷମ କଟକ ବ୍ଲକରେ କଣ ସବୁ ପଦକ୍ଷେପ ନିଆଯାଇଛି ଏବଂ ସ୍ୱତନ୍ତ୍ର ଭାବେ ଭିନ୍ନ କ୍ଷମ ଏବଂ ବୃଦ୍ଧ ବୃଦ୍ଧା ମାନଙ୍କ ନିମନ୍ତେ ବିଷମ କଟକ ବ୍ଲକରେ ଭିତ୍ତିଭୂମି ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ କି ?

----

## ଖାଲିଥିବା ପଦବୀ ପୂରଣ

**4435 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ସହ କଟକ ଜିଲ୍ଲାରେ ମଞ୍ଜୁରୀପ୍ରାପ୍ତ ପ୍ରାଥମିକ ଠାରୁ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଅଧ୍ୟାପକ, ଶିକ୍ଷକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ଏହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ଆବଶ୍ୟକ ଶିକ୍ଷକ ଓ କର୍ମଚାରୀ ଅଭାବ

4436 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ଉନ୍ନୀତ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଓ କର୍ମଚାରୀ ଅଭାବ ଥିବା ପ୍ରତି ସରକାର ସଚେତନ ଅଛନ୍ତି କି, ଉତ୍ତର ହଁ ହେଲେ ଏହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## Govt. ITI ସ୍ଥାପନ

4437 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି)ଃ**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚାନ୍ଦବାଲି Block ରେ Govt. ITI ନଥିବା କଥା ସରକାର ଅବଗତ ଅଛନ୍ତି କି, ଚାନ୍ଦବାଲି କିମ୍ବା ଧାମରାଠାରେ ଏକ Govt. ITI ଖୋଲିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## TDCC ରେ ନୂତନ କର୍ମଚାରୀ ନିଯୁକ୍ତି

4438 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

Tribal Development Cooperation ରେ Retirement କରୁଥିବା କର୍ମଚାରୀମାନଙ୍କର ପ୍ରାପ୍ୟ ପାଉନଥିବା କଥା ସରକାରଙ୍କ ପାଖରେ ଖବର ଅଛି କି, TDCC ରେ କର୍ମଚାରୀ ସଂଖ୍ୟା କମ୍ ଥିବାରୁ ନୂଆ କର୍ମଚାରୀଙ୍କୁ posting ପାଇଁ ସରକାର ପଦକ୍ଷେପ ନେବେ କି, Ragi procurement ପାଇଁ PATTADA ଦାୟିତ୍ୱ ଦେବା ଫଳରେ procurement target କମୁଥିବାର କଥା ଜାଣନ୍ତି କି ?

----

## ଛାତ୍ର ସଂସଦ ନିର୍ବାଚନ ପୁନଃ ପ୍ରଚଳନ

4439 **ଶ୍ରୀ ନୀହାର ରଞ୍ଜନ ମହାନନ୍ଦ (ଅତାବିରା)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ସରକାର ବହୁ ବର୍ଷ ଧରି ଛାତ୍ରଛାତ୍ରୀଙ୍କ ମୌଳିକ ଅଧିକାର ସ୍ୱରୂପ ଓଡିଶାର ସମସ୍ତ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନକୁ ରଦ୍ଦ କରିବା ସହିତ ସେମାନଙ୍କ ସ୍ୱରକୁ ଚାପି ରଖୁଥିଲେ । ଏହି ପ୍ରକ୍ରିୟାକୁ ବନ୍ଦ କରି ଛାତ୍ର ସଂସଦ ନିର୍ବାଚନକୁ ପୁନଃ ପ୍ରଚଳନ କରିବା ଦିଗରେ ସରକାରଙ୍କ କି ଆଭିମୁଖ୍ୟ ରହିଛି ?

----

## UGC ନିୟମରେ ଦରମା ଦେବା

4440 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଓଡିଶାର ସରକାରୀ ବିଶ୍ୱ ବିଦ୍ୟାଳୟ, ମହାବିଦ୍ୟାଳୟମାନଙ୍କରେ ଅଧ୍ୟାପକ, ପ୍ରାଧ୍ୟାପକ ପଦବୀମାନଙ୍କରେ Asst. Professor, Associate Professor ଓ Professor ପଦବୀ 1990 UGC ନିୟମ ଅନୁସାରେ ହୋଇଥିବାବେଳେ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟଗୁଡିକରେ ଆଜିପର୍ଯ୍ୟନ୍ତ ତାହାକୁ କାହିଁକି କାର୍ଯ୍ୟକାରୀ କରାଯାଉନାହିଁ ? +2 ଶ୍ରେଣୀଗୁଡିକୁ Digree College ପରିସରର କେବେ ଅଲଗା କରାଯିବ ? ମହାବିଦ୍ୟାଳୟଗୁଡିକରେ UGC ନିୟମ ଆଧାରରେ Asst. Professor ପଦବୀଗୁଡିକୁ ନିଯୁକ୍ତି ଦିଆାଯାଉ ନଥିବା ସତ୍ୟ କି ?

----

## ଡିଗ୍ରି ମହାବିଦ୍ୟାଳୟରେ ଥିବା ଅଧ୍ୟାପକ ସଂଖ୍ୟା

4441 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ ଉଭୟ ସରକାରୀ ଓ ବେସରକାରୀ ଡିଗ୍ରୀ ମହାବିଦ୍ୟାଳୟଗୁଡିକରେ ୧୯୨୦ ମସିହାରୁ ଆଜିପର୍ଯ୍ୟନ୍ତ କେତେ ଅଧ୍ୟାପକ UGC ଦ୍ୱାରା ଆୟୋଜିତ NET ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ? CBCS (Choice Based Credit System) ଲାଗୁ ହେବା ପରେ ଡିଗ୍ରୀ ମହାବିଦ୍ୟାଳୟଗୁଡିକରେ ଗୋଟିଏ ବିଭାଗରେ କେତୋଟି କି କି ପଦବୀ ରହିବା ଆବଶ୍ୟକ ଓ ସେମାନଙ୍କର ଯୋଗ୍ୟତା କ'ଣ ହେବା ଆବଶ୍ୟକ ?

----

## Scholarship ବାବଦରେ ଖର୍ଚ୍ଚ

4442 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ୫ ବର୍ଷରେ ଅନୁସୂଚିତ ଜାତି, ଜନଜାତି ବର୍ଗର ଛାତ୍ର-ଛାତ୍ରୀମାନଙ୍କୁ ବୈଷୟିକ ଶିକ୍ଷା ଓ ଉଚ୍ଚ ଶିକ୍ଷାଲାଭ ନିମନ୍ତେ କେଉଁ କେଉଁ ବିଭାଗରେ କେତେଜଣ ଛାତ୍ର-ଛାତ୍ରୀଙ୍କୁ scholarship ଏବଂ hostel charge ବାବଦ ରାଜ୍ୟ ସରକାର ପ୍ରଦାନ କରିଥିଲେ — ବର୍ଷୱାରୀ ଓ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଧନ୍ଦାମୂଳକ ଶିକ୍ଷା ସମ୍ପର୍କରେ

**4443 ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

OSEDA ଦ୍ୱାରା ଚାଲୁଥିବା ଧନ୍ଦାମୂଳକ ଶିକ୍ଷାର 100 ମାର୍କ ପରୀକ୍ଷା ପରିଚାଳନା VTP ସଂସ୍ଥାମାନେ କରୁଛନ୍ତି କି ? ଯଦି 'ହଁ' ତେବେ କମ୍ପାନୀମାନେ ପରୀକ୍ଷା ପରିଚାଳନା କରିବାକୁ ସରକାର କିପରି ଅନୁମତି ଦେଉଛନ୍ତି, ପରୀକ୍ଷାରେ ବର୍ତ୍ତମାନ ସୁଦ୍ଧା ଉତ୍ତୀର୍ଣ୍ଣ ହେଉଥିବା କେତେ ପିଲାଙ୍କୁ କେତେ ବର୍ଷ ହେଲା VTR କମ୍ପାନୀମାନେ Passout Certificate ଦେଉନାହାଁନ୍ତି, ଏସବୁ VTP କମ୍ପାନୀମାନଙ୍କ କାର୍ଯ୍ୟକଳାପ ବିଷୟରେ ସରକାର ଅନୁଧ୍ୟାନ କରିବା ସହ VTP କମ୍ପାନୀମାନେ vocational trainer ବା ଧନ୍ଦାମୂଳକ ପ୍ରଶିକ୍ଷକମାନଙ୍କୁ କିପରି କେଉଁ basis ରେ ମନଇଚ୍ଛା ନିଯୁକ୍ତି ମନଇଚ୍ଛା ଛଟେଇ କରୁଛନ୍ତି ?

----

## ଧନ୍ଦାମୂଳକ ଶିକ୍ଷା ପ୍ରଦାନ

**4444 ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟରେ vocational ବା ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥାକୁ ସରକାର କମ୍ପାନୀମାନଙ୍କ ହାତକୁ ଟେକି ନ ଦେଇ ନିଜ ଅଧିନରେ ରଖି ଶିକ୍ଷା ପ୍ରଦାନ ବ୍ୟବସ୍ଥା କରିବେ କି, ଅନ୍ୟାନ୍ୟ ରାଜ୍ୟ ଭଳି ଓଡିଶାରେ ମଧ୍ୟ VTP କମ୍ପାନୀମାନଙ୍କ ବିନା ସହାୟତାରେ ସାହାଯ୍ୟରେ ସରକାର ନିଜଦ୍ୱାରା ଧନ୍ଦାମୂଳକ ଓ ପ୍ରଶିକ୍ଷକମାନଙ୍କୁ ନେବ ପାଇଁ ବ୍ୟବସ୍ଥା କରିବେ କି, VTR କମ୍ପାନୀମାନେ ପିଲାମାନଙ୍କୁ ପାଠ୍ୟ ପୁସ୍ତକ ଦେଉନଥିବାରୁ ବିଭିନ୍ନ trade ରେ ପାଠ ଠିକ୍ ଭାବେ ପଢାଇବାପାଇଁ ବ୍ୟବସ୍ଥା କରୁନଥିବାରୁ, ପ୍ରଶିକ୍ଷକମାନଙ୍କୁ GL ଓ IV ପାଇଁ Advance Payment ନ କରିବାକୁ ଓ ପାଶ୍ ଆଉଟ୍ ପିଲାମାନଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା କରୁନଥିବାରୁ ସରକାର vocational ପାଠକୁ କମ୍ପାନୀମାନଙ୍କଠାରୁ କାଢି ନେବେ କି ?

----

## ହାଇସ୍କୁଲର ମରାମତି

**4445 ଶ୍ରୀ ପଦ୍ମ ଚରଣ ହାଇବୁରୁ (କରଞ୍ଜିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ଆଗାମୀ ତିନିବର୍ଷ ଭିତରେ ରାଜ୍ୟରେ urban areaରେ ପ୍ରତିଷ୍ଠିତ କୌଣସି ପ୍ରାଥମିକ/ ହାଇସ୍କୁଲର ମରାମତି/ ପୁନରୁଦ୍ଧାର କାମ ନ କରିବା ପାଇଁ ଗଣଶିକ୍ଷା ବିଭାଗ ଦ୍ୱାରା ଏକ ନିର୍ଦ୍ଦେଶନାମା ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବା ବିଷୟ ସତ୍ୟ କି; (ଖ) ଚଳିତ ବର୍ଷ ମୟୁରଭଞ୍ଜ ଜିଲ୍ଲାର urban areaରେ ପ୍ରତିଷ୍ଠିତ କେତୋଟି ହାଇସ୍କୁଲ/BEO/DEO ଅଫିସ ମରାମତି କାମ ପାଇଁ ଆବଶ୍ୟକୀୟ estimate ଉପରେ DEE(O)/D.SE.(O) ଦ୍ୱାରା କି ପ୍ରକାର କାର୍ଯ୍ୟାନୁଷ୍ଠାନ ହୋଇଛି ?

----

## ବଦଳୀ ନିୟମ ଲାଗୁ

**4446 ଶ୍ରୀ ପଦ୍ମ ଚରଣ ହାଇବ୍ରୁରୁ (କରଞ୍ଜିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) DHSE ଙ୍କ ପତ୍ର ସଂଖ୍ୟା-7251 ତା.୦୬.07.23 ରେ 10 ବର୍ଷରୁ ଉର୍ଦ୍ଧ୍ୱ ଥିବା HOD Cadre କର୍ମଚାରୀଙ୍କ ବଦଳି ପୂର୍ଣ୍ଣଭାବେ ଲାଗୁ ନ ହେବାର କାରଣ କଣ, (ଖ) ଉପରୋକ୍ତ ବିଷୟରେ ଉଚ୍ଚଶିକ୍ଷା ବିଭାଗର କହିବା ଅନୁସାରେ ପ୍ରାଥମିକ/ମାଧ୍ୟମିକ/ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରୁ କାର୍ଯ୍ୟାନ୍ତର ହୋଇଥିବା କର୍ମଚାରୀ ଆସି ଉଚ୍ଚଶିକ୍ଷା ବିଭାଗ ଯୋଗ ଦେଲେ, ଉଚ୍ଚଶିକ୍ଷା ବିଭାଗ (HOD Cadre) ରେ କାର୍ଯ୍ୟରତ ୬ଜଣ କର୍ମଚାରୀଙ୍କୁ ବଦଳି କରାଯିବା ବିଷୟରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଅଦ୍ୟାବଧି ମିଳିତ ଶିକ୍ଷା ନିର୍ଦ୍ଦେଶାଳୟରେ କେତେଜଣ କର୍ମଚାରୀ ଗୋଟିଏ ନିର୍ଦ୍ଦେଶାଳୟରେ ୬ ବର୍ଷରୁ ଉର୍ଦ୍ଧ୍ୱ ସମୟ କାର୍ଯ୍ୟ କରୁଛନ୍ତି ଏବଂ ସେମାନଙ୍କର କ୍ଷେତ୍ରରେ ୬ ବର୍ଷିଆ ବଦଳି ନିୟମ କେବେ ଲାଗୁ ହେବ ?

----

## କୋରାପୁଟ ଜିଲ୍ଲାରେ Tribal University ଖୋଲିବାକୁ ପ୍ରସ୍ତାବ

**4447 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କୋରାପୁଟ ଜିଲ୍ଲାରେ ଏକ Tribal University ଖୋଲିବାକୁ ୧୯୯୪ ମସିହାରେ ପ୍ରସ୍ତାବ ଥିଲା ଏଣୁ ଓଡିଶା ସରକାର ନିଜସ୍ୱ ଖର୍ଚ୍ଚରେ ସ୍ଥାପନା କରିବାରେ ପଦକ୍ଷେପ ଗ୍ରହଣ କରିବେ କି ?

----

## ସରକାରୀ ଅନୁଦାନରୁ ବଞ୍ଚିତ

**4448 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କୋରାପୁଟ ଜିଲ୍ଲାର ସେମିଳିଗୁଡା ସ୍ଥିତ R.K Girls High School Damanjodi ସ୍ଥିତ Alumina Girls HIgh School ଓ Laxmipur ସ୍ଥିତ U.K Girls High School, 1997 ମସିହାରୁ ସ୍ଥାପନା କରାଯାଇଥିଲା କିନ୍ତୁ ଅଦ୍ୟାବଧି କେଉଁ କାରଣରୁ ସରକାରୀ ଅନୁଦାନରୁ ବଞ୍ଚିତ କରାଯାଇଅଛି ଏତଦଦ୍ୱାରା ଯେଉଁ ଛାତ୍ରୀ ମାନେ ଅଧ୍ୟୟନରତ ସେମାନେ ସରକାରୀ ଅନୁଦାନରୁ ବଞ୍ଚିତ ହେଉଛନ୍ତି ତତ୍ସହ ଶିକ୍ଷକ ଓ ଶିକ୍ଷୟତ୍ରୀ ଓ ତାଙ୍କ ପରିବାର ବର୍ଗଙ୍କର ଭବିଷ୍ୟତ ମଧ୍ୟ ଅନ୍ଧକାର ହେଉଅଛି, ଏଣୁ ଅନୁଦାନ ପ୍ରାପ୍ତି ପାଇଁ ସହମତି ପ୍ରକାଶ କରିବେ କି ?

----

## ଡାଟାଏଣ୍ଟ୍ରି ଅପରେଟରଙ୍କର ଚାକିରି ନିୟମିତ କରିବା

**4449 ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଅନୁଦାନ ପ୍ରାପ୍ତ କଲେଜରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପ୍ରାପ୍ତ 2014 ମସିହାରୁ 2024 ମସିହା ମଧ୍ୟରେ Junior ଏବଂ Degree କଲେଜର ଡାଟା ଏଣ୍ଟ୍ରି ଅପରେଟର (488/622 Category ) ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ; ସେମାନଙ୍କର ଚାକିରି ନିୟମିତ କରିବାପାଇଁ କି କି ପଦକ୍ଷେପ ନେଇଛନ୍ତି କିମ୍ବା ନେବାକୁ ଯାଉଛନ୍ତି ?

----

## ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦର କର୍ମଚାରୀ ଅଭାବ

4450 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପ୍ରତିବର୍ଷ ଓଡିଶାର 5 ଲକ୍ଷରୁ ଉର୍ଦ୍ଧ ଛାତ୍ର ଛାତ୍ରୀଙ୍କ ପାଇଁ ମାଟ୍ରିକ ପରୀକ୍ଷା ପରିଚାଳନ କରୁଥିବା ପରିପ୍ରେକ୍ଷୀରେ ଏଠାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବା କଥା ସରକାର ଜାଣନ୍ତି କି ? ଯଦି ହଁ ତାହେଲେ ସରକାର ଆବଶ୍ୟକ ସଂଖ୍ୟକ କର୍ମଚାରୀ ଦେବେ କି ସେହିଭଳି ଏହି ବୋର୍ଡ଼ ଅଧିନରେ OSSTET ଓଡିଶା ସେକେଣ୍ଡାରୀ ସ୍କୁଲଟିରେ ଯୋଗ୍ୟତା ପରୀକ୍ଷା, OTET ପରୀକ୍ଷା, ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା, CT ପରୀକ୍ଷା ଭଳି ଆଉ କେତୋଟି କି କି ପରୀକ୍ଷା ବୋଡ୍ ଦ୍ୱାରା ପରିଚାଳିତ ହୋଇଥାଏ ?

----

## ପ୍ରାଥମିକ ବିଦ୍ୟାଳୟରେ ଭିତ୍ତିଭୂମିର ବିକାଶ

4451 **ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ପ୍ରାଥମିକ ବିଦ୍ୟାଳୟ ର ଭିତିଭୂମିର ବିକାଶ ଏବଂ ମରାମତି ପାଇଁ 2019-20, 2020-21. 2021-22,2022-23 ଏବଂ 2023-24 ଆର୍ଥିକ ବର୍ଷରେ କେତେ ଅର୍ଥ ଖର୍ଚ୍ଚ କରାଯାଇଅଛି ? ବର୍ତ୍ତମାନ ସ୍ଥିତିରେ ପ୍ରାଥମିକ ବିଦ୍ୟାଳୟ ଗୁଡିକର ଭତ୍ତିଭୂମି ଅତି ଶୋଚନୀୟ ଅବସ୍ଥାରେ ଅଛି, ନିର୍ବାଚନ ମଣ୍ଡଳୀର ୭୦% ସ୍କୁଲ ରେ ଦରକାର ମୁତାବକ ଶ୍ରେଣୀ ଗୃହ ନାହିଁ ? 15 ରୁ 20% ସ୍କୁଲ ଭଙ୍ଗାରୁଜା ଅବସ୍ଥାରେ ଅଛି ଏବଂ ଛାତରୁ ବର୍ଷା ପାଣି ଗଳୁଛି, ସ୍କୁଲ ରେ ଶିକ୍ଷକ ମଧ୍ୟ ନାହାନ୍ତି, ମୋଟାମୋଟି ଭାବରେ କହିଲେ ପ୍ରାଥମିକ ଶିକ୍ଷା ଚରମ ଅବହେଳାରେ ଅଛି, ଗ୍ରାମାଞ୍ଚଳର ପ୍ରାଥମିକ ଶିକ୍ଷାର ସ୍ଥିତି ଅତି ଚିନ୍ତାଜନକ ହୋଇଯାଇଛି ଏଣୁ ଗ୍ରାମାଞ୍ଚଳର ପ୍ରାଥମିକ ଶିକ୍ଷାର ଏହି ସବୁ ସମସ୍ୟା କେବେସୁଦ୍ଧା ସମାଧାନ ହେବ ?

----

## ଆଦେଶ ନାମା ଅନୁପାଳନ

4452 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆଦେଶ ସଂଖ୍ୟା 3251 ତା.୦6.07.23 ରେ 10 ବର୍ଷରୁ ଉର୍ଦ୍ଧ୍ୱଥିବା 26 ଜଣ କର୍ମଚାରୀଙ୍କ ବଦଳି କରାଯାଇଥିଲା ସେଥିମଧ୍ୟରୁ 14 ଜଣଙ୍କ ପାଇଁ ଏହା ଲାଗୁ ହୋଇଥିବାବେଳେ ଅନ୍ୟକର୍ମଚାରୀ ମାନଙ୍କ ପାଇଁ ଏହା କେବେଠାରୁ ଲାଗୁ ହେବ ଏହି ସମ୍ବନ୍ଧରେ ପ୍ରାଥମିକ/ମାଧ୍ୟମିକ/ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟକୁ ବଦଳି କର୍ମଚାରୀଙ୍କୁ Re- leave କରିବା ପାଇଁ ପତ୍ର ବିନିମୟ କରାଯାଇଛି କି, (ଖ) ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟରେ ୬ ଜଣ ବଦଳି ହୋଇଥିବା କର୍ମାଚାରୀଙ୍କ ବଦଳରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଓ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରୁ କାର୍ଯ୍ୟାନ୍ତର ହୋଇ ଯୋଗଦେଲେ ସେମାନଙ୍କୁ କାର୍ଯ୍ୟାନ୍ତର କରାଯିବା ବିଷୟରେ ଅବଗତ ଅଛନ୍ତି କି, ଉକ୍ତ ଆଦେଶନାମା ଯଦି ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ନହୁଏ ତେବେ ଏହାକୁ Withdraw କରିବେ କି ?

----

## Rehabilitation Schemeରେ ଚାକିରି ଦେବା

**4453 ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲିପାଟଣା (ଖୋର୍ଦ୍ଧା) B.E.O ଅଧିନସ୍ଥ ତା.06.12.2023 ରିଖରେ ମୃତ୍ୟୁବରଣ କରିଥିବା ସମସ୍ତ ଶିକ୍ଷକ ମାନଙ୍କର ପରିବାରକୁ ସେମାନଙ୍କର ସମସ୍ତ ପ୍ରାପ୍ୟ ଜନିତ ତଥ୍ୟ ତଥା Rehabilitation Assistance Scheme ରେ ଜଣଙ୍କୁ ଚାକିରୀ ପ୍ରାନ କରିବାରେ ଏଯାବତ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତତସହ D.E.O ଖୋର୍ଦ୍ଧା ଓ Treasury Bhubaneswar ଙ୍କୁ ପଠାଯାଇଥିବା ପତ୍ର ସଂଖ୍ୟା 1033 ଓ 1034 dtd.03.07.2029 ପ୍ରାପ୍ତ କରିବାପରେ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## କଲେଜ ଗୁଡିକରେ ସ୍ଥାୟୀ କମିଟି ଗଠନ

**4454 ଡା. ଫକୀର ମୋହନ ନାଏକ (ତେଲକୋଇ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ତେଲକୋଇ ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ସମସ୍ତ College ଗୁଡିକରେ ଗଠିତ ହୋଇଥିବା କମିଟିର ସ୍ଥିତି କଣ ଯଦି College ଗୁଡିକରେ ସ୍ଥାୟୀ କମିଟି ଗଠିତ ହୋଇନାହିଁ ତେବେ କେବେ ସୁଦ୍ଧା ନୂତନ କମିଟି ଗଠନକରିବା ପାଇଁ ପଦକ୍ଷେପ ନେବେ ?

----

## ରାୟଗଡ଼ା ଅଟୋନମସ କଲେଜକୁ ସରକାରୀ କଲେଜ ମାନ୍ୟତା

**4455 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାୟଗଡ଼ା ଅଟୋନମସ କଲେଜକୁ ସରକାର କେବେ ସରକାରୀ କଲେଜ ମାନ୍ୟତା ପ୍ରଦାନ କରିବେ; ସେ ଦିଗରେ କିଛି ପ୍ରସ୍ତାବ ଅଛି କି ;ରାୟଗଡ଼ା ଏକ ଶିଳ୍ପ ବହୁଳ ଓ କୃଷି ସମୃଦ୍ଧ ଜିଲ୍ଲା, ରାୟଗଡ଼ାଠାରେ OUAT ର ଏକ ଶାଖା କଲେଜ ଖୋଲାଯିବା ଆବଶ୍ୟକ ରହିଛି, ଏ ଦିଗରେ ମାନନୀୟ ମନ୍ତ୍ରୀ କହିବେ ଆଗାମୀ ଦିନରେ ଏହାପାଇଁ କଣ ପ୍ରସ୍ତାବ ରହିଛି ?

----

## ଖାଲିଥିବା ଶିକ୍ଷକ ପଦବୀ ପୂରଣ

4456 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ କେତୋଟି ସରକାରୀ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ପରିଚାଳିତ ହେଉଛି, ଏଥିମଧ୍ୟରୁ କେତୋଟି ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷୟତ୍ରୀ କାର୍ଯ୍ୟରତ ଅଛନ୍ତି ଏବଂ ଯେଉଁ ବିଦ୍ୟାଳୟ ଗୁଡିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ, ଶିକ୍ଷୟତ୍ରୀ ନାହାନ୍ତି ସେ ବିଦ୍ୟାଳୟ ଗୁଡିକରେ କେବେସୁଦ୍ଧା ଏହି ପଦବୀ ଗୁଡିକ ପୂରଣ କରାଯିବ ?

----

## UGME School କୁ Up-gradation କରିବା

4457 **ଶ୍ରୀ ମାଧବ ଧଡା (ସୋରୋ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାରଙ୍କ Notification No. ୨167, dated 30.04.2022 ଅନୁସାରେ ରାଜ୍ୟର U.G.M.E School କୁ Up-gradation କରି High School ରେ ପରିଣତ କରାଯାଇଥିଲା ତଦନୁସାରେ ଉକ୍ତ ବିଦ୍ୟାଳୟ ଗୁଡିକ ପାଇଁ ଉପଯୁକ୍ତ ଶିକ୍ଷକ/ ଶିକ୍ଷୟତ୍ରୀ ଆବଶ୍ୟକ ଥିଲା ବେଳେ ସରକାର ସେଥିପ୍ରତି ଧ୍ୟାନ ଦେଲେନାହିଁ, ଯଦ୍ୱାରା କି ଛାତ୍ର/ଛାତ୍ରୀ ମାନଙ୍କରେ ବିଦ୍ୟାଧ୍ୟାୟନରେ ପ୍ରଭୁତ କ୍ଷତି ହେଉଛି, ଉକ୍ତ ବିଦ୍ୟାଳୟ ମାନଙ୍କୁ ଶିକ୍ଷକ ଦେବାପଇଁ କେବେ ସକ୍ଷମ ହେବେ ?

----

## ଗୁଣି ଗାରଡିକୁ ବିଶ୍ୱାସ

4458 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଅଧିକାଂଶ ଆଦିବାସୀ ବହୁଳ ଅଞ୍ଚଳ ଗୁଡିକରେ ଗୁଣିଗାରଡି, ଡାହାଣୀ, ଭୁତ ଇତ୍ୟାଦି ଅନ୍ଧବିଶ୍ୱାସ ଦୂରିକରଣ ନିମନ୍ତେ "ଗୁଣିନିରୋଧ ଆଇନ" କୁ ପ୍ରଚାର ପ୍ରସାର କରାଯାଉଛି କି ? ବିଜ୍ଞାନ ଭିତ୍ତିରେ ବିଭିନ୍ନ ଗ୍ରାମ ଗୁଡିକରେ ସଚେତନାମୂଳକ କାର୍ଯ୍ୟକ୍ରମ କରିବେ କି ?

----

## ଭିନ୍ନକ୍ଷମ ଛାତ୍ର/ ଛାତ୍ରୀଙ୍କ ଶିକ୍ଷାଦାନ ନିମନ୍ତେ ଶିକ୍ଷକ ନିଯୁକ୍ତି

4459 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ସରକାରଙ୍କ ତଥ୍ୟ ଅନୁସାରେ ରାଜ୍ୟରେ 1,46,364 ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି, ଉକ୍ତ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷାଦାନ ନିମନ୍ତେ ସରକାରୀ ଓ ଆଇନଗତ ସ୍ତରର ବ୍ୟବସ୍ଥା ଅଛି, କିନ୍ତୁ ଏହିସବୁ ବ୍ୟବସ୍ଥା ଥାଇ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷାଦାନ ନିମନ୍ତେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ବାଧ୍ୟତାମୂଳକ ବ୍ୟବସ୍ଥା ବା ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରାଯାଇନାହିଁ, ଶିକ୍ଷା ନିୟମ 2009 ଅନୁସାରେ ଛାତ୍ରଛାତ୍ରୀ ଓ ସ୍ୱତନ୍ତ୍ର ଶିକ୍ଷକଙ୍କର ଅନୁପାତ ପ୍ରାଥମିକ ସ୍ତର ପାଇଁ 10:01 ଏବଂ ଉଚ୍ଚ ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ ସ୍ତର ପାଇଁ 15:01 ଅଛି ଏବଂ ଶିକ୍ଷାନୀତି 2020 ଅନୁସାରେ ସ୍ୱତନ୍ତ୍ର ସ୍ଥାୟୀ ଶିକ୍ଷକ ବ୍ୟବସ୍ଥା କରାଯାଇଅଛି, ଏହା ବାଦ୍ ସ୍ୱତନ୍ତ୍ର ଶିକ୍ଷାରେ B.Ed., C.T. ଓ M.Ed. ତାଲିମ ପ୍ରାପ୍ତ 7000 ରୁ ଉର୍ଦ୍ଧ୍ୱ ଆଶାୟୀ ଶିକ୍ଷକଟିଏ ହେବାପାଇ ଚାହିଁ ବସିଛନ୍ତି, ଏପରି ସ୍ଥଳେ ସ୍ୱତନ୍ତ୍ର ଶିକ୍ଷକରେ ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷା ସ୍ୱପ୍ନ ହୋଇ ରହିଯାଇଛି, ସରକାର ଏ ଦିଗରେ କି ପଦକ୍ଷେପ ଗ୍ରହଣ କରିବେ ?

----

## ଖାଲିଥିବା ଶିକ୍ଷକ ପଦବୀ ପୂରଣ

4460 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ଓ ବାଲିଆପାଳ ବ୍ଲକରେ କେତୋଟି ସରକାରୀ ଅନୁଦାନ ପ୍ରାପ୍ତ (Aided) ଓ ବ୍ଲକ ଅନୁଦାନ(Block Grant) ଉଚ୍ଚ ବିଦ୍ୟାଳୟ (High School) ରହିଛି, ଉକ୍ତ ବିଦ୍ୟାଳୟ ଗୁଡ଼ିକରେ ମୋଟ୍ ମଞ୍ଜୁରୀ ପ୍ରାପ୍ତ ଶିକ୍ଷକଙ୍କ ସଂଖ୍ୟା କେତେ ଓ ବର୍ତ୍ତମାନ ମୋଟ୍ କେତେଜଣ ଶିକ୍ଷକ ଶିକ୍ଷାଦାନରେ ନିୟୋଜିତ ଅଛନ୍ତି, ଖାଲି ପଡ଼ିଥିବା ମୋଟ୍ ଶିକ୍ଷକଙ୍କ ସଂଖ୍ୟା କେତେ ଏବଂ ଉକ୍ତ ପଦବୀ ଗୁଡ଼ିକ ପୂରଣ ପାଇଁ କିଛି ବ୍ୟବସ୍ଥା ଗ୍ରହଣ କରୁଛନ୍ତି କି ?

----

## ଦୁଷ୍କର୍ମ ମାମଲା

4461 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗତ 5 ବର୍ଷ ମଧ୍ୟରେ କେତେଜଣ ଆଦିବାସୀ ଛାତ୍ରୀ ଓ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି, କେତୋଟି ମାମଲା ପଞ୍ଜିକୃତ ହୋଇଛି, ବର୍ତ୍ତମାନ ସୁଦ୍ଧା ମାମଲା ଗୁଡିକର ସ୍ଥିତି କ'ଣ ରହିଛି ?

----

## ଭିକ୍ଷାବୃତ୍ତି ସମ୍ପର୍କରେ

4462 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର ବିଭିନ୍ନ ସହରାଞ୍ଚଳରେ କେତେ ସଂଖ୍ୟକ ଭିକାରି ଭିକ ମାଗି ନିଜ ପରିବାର ଗୁଜରାଣ ମେଣ୍ଟାଉଛନ୍ତି, ଏହାର ସହରୱାରୀ ତାଲିକା ପ୍ରଦାନ କରିବେ କି, ଭିକାରି ମାନଙ୍କ ସାମାଜିକ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ବର୍ତ୍ତମାନ ସୁଦ୍ଧା କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

**ଭତ୍ତା ଓ ଉପକରଣ ଯୋଗାଣ**

4463 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଜିଲ୍ଲାର ବସ୍ତା ଓ ବାଲିଆପାଳ ବ୍ଲକରେ କେତେଜଣ ଦିବ୍ୟାଙ୍ଗ ଚିହ୍ନଟ ହୋଇଛନ୍ତି ଏବଂ ତନ୍ମଧ୍ୟରୁ କେତେଜଣଙ୍କୁ ଭତ୍ତା ଓ ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇଛି ?

----

**ଶିଳ୍ପ ପାଇଁ ଜମି**

4464 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ୨ ବର୍ଷରେ ଯାଜପୁର ଜିଲ୍ଲାର କେଉଁ ଠାରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ପାଇଁ କେଉଁ ଶିଳ୍ପପତି ଆଗ୍ରହ ଦେଖାଇଛନ୍ତି ଓ ଏହାଦ୍ୱାରା କେତେ ପୁଞ୍ଜିନିବେଶ ହେବା ସହ କେତେଜଣଙ୍କୁ ନିଯୁକ୍ତି ମିଳିବ ; 2014 ରୁ 2024 ଯାଏଁ ସରକାରଙ୍କ ଠାରୁ ଜମି ନେଇ କେଉଁ ଶିଳ୍ପ ସଂସ୍ଥା ଯାଜପୁର ଜିଲ୍ଲାରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରୁନାହାନ୍ତି ସେସବୁର ତଥ୍ୟ ପ୍ରଦାନ କରିବେ କି ; ଜମି ନେବାର କେତେ ଦିନ ମଧ୍ୟରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବାର ନିୟମ ରହିଛି ସେସବୁର ମାର୍ଗଦର୍ଶିକା ପ୍ରଦାନ କରିବେ କି?

----

**ମଞ୍ଚ ନାଟକକୁ ପ୍ରୋତ୍ସାହନ**

4465 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଟିଭି, ଡିଜିଟାଲ ମିଡିଆ, ସିନେମାର ପ୍ରଭାବରେ ଗ୍ରାମାଞ୍ଚଳର ନାଟ୍ୟ ପରମ୍ପରା ହ୍ରାସ ପାଉଥିବା ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳରେ ମଞ୍ଚନାଟକ ପରିବେଷଣ ପାଇଁ ଆଗ୍ରହ ପ୍ରକାଶ କରୁଥିବା ଯୁବଗୋଷ୍ଠୀଙ୍କୁ ନାଟକ ପରିବେଷଣ ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦେବାକୁ ସରକାରଙ୍କ ପ୍ରସ୍ତାବ ଅଛି କି ?

----

**DLVC ର ତଥ୍ୟ ପ୍ରଦାନ**

4466 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

**ବୈଷୟିକ ଜ୍ଞାନ କୌଶଳ ବୃଦ୍ଧି**

4467 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବୈଷୟିକ ଶିକ୍ଷାର ଛାତ୍ରଛାତ୍ରୀଙ୍କ Practical Knowledge ବୃଦ୍ଧି ପାଇଁ ଶିଳ୍ପାନୁଷ୍ଠାନ ଗୁଡିକ ସହ ବୈଷୟିକ ଶିକ୍ଷାନୁଷ୍ଠାନର ଚୁକ୍ତିନାମା ହୋଇଛି କି ; ଯଦି ଉତ୍ତର 'ହଁ' ତେବେ କେଉଁ ଶିଳ୍ପାନୁଷ୍ଠାନ ସହ କେଉଁ ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନର ଚୁକ୍ତିନାମା ହୋଇଛି ତା'ର ତଥ୍ୟ ପ୍ରଦାନ କରିବେ କି ; ବିଭିନ୍ନ ଶିଳ୍ପାନୁଷ୍ଠାନର ଆଉଟ୍ ସୋର୍ସିଂ (Out Sourcing) ୱାର୍କକୁ ରାଜ୍ୟର ବିଭିନ୍ନ ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନକୁ ପ୍ରଦାନ କରିବାକୁ ପଦକ୍ଷେପ ନେଇ ଛାତ୍ରଛାତ୍ରୀଙ୍କର ବୈଷୟିକ ଜ୍ଞାନ ବୃଦ୍ଧି ପାଇଁ ନିଷ୍ପତ୍ତି ନେବେ କି?

----

## ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି

4468 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବଡଚଣାର ବିସାଳି ଠାରେ ପ୍ରତିଷ୍ଠିତ କପିଳାସ ସିମେଣ୍ଟ କମ୍ପାନୀରେ କୁଶଳୀ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ କ୍ଷେତ୍ରରେ କେତେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳିଛି ; ନିଯୁକ୍ତି ପାଇଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରୁ କେତେଜଣ କମ୍ପାନୀ ଦ୍ୱାରା ପ୍ରତ୍ୟକ୍ଷଭାବେ ନିଯୁକ୍ତି ପାଇଛନ୍ତି ଏବଂ କେତେ ଜଣ ଠିକା ସଂସ୍ଥା ଅଧିନରେ କାର୍ଯ୍ୟ କରୁଛନ୍ତି ; (ଖ) କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିର ବିନିଯୋଗ କେଉଁ ସ୍ଥାନରେ, କେଉଁ ପ୍ରକଳ୍ପ ଏବଂ କେଉଁ ବର୍ଷ କେତେ ଖର୍ଚ୍ଚ ହୋଇଛି ସେସବୁର ତଥ୍ୟ ପ୍ରକଳ୍ପ ଏବଂ ଆର୍ଥିକ ବର୍ଷୱାରୀ ପ୍ରଦାନ କରିବେ କି?

----

## ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା

4469 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏଠାରେ କେତେ ଜଣ ଯୁବକ ଯୁବତ ଦକ୍ଷତା ତାଲିମ ପାଇଛନ୍ତି ଓ ସେମାନଙ୍କ ମଧ୍ୟରୁ ଝାରସୁଗୁଡା ଜିଲ୍ଲାରୁ କେତେ ଜଣ ଅଛନ୍ତି; ଦକ୍ଷତା ତାଲିମ ପାଇବା ପରେ କେତେ ଜଣ ଯୁବକ ଯୁବତୀ ରାଜ୍ୟ ତଥା ଦେଶ ଭିତରେ ଓ କେତେ ଜଣ ଦେଶ ବାହାରେ ନିଯୁକ୍ତି ପାଇଛନ୍ତି ?

----

## ଇଭି ଯାନ ନିର୍ମାଣ

4470 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପାରାଦ୍ୱୀପ ଠାରେ ଏକ ବ୍ୟାଟେର ଓ ଇଭି ଯାନ ନିର୍ମାଣ ପାଇଁ କେଉଁ ସଂସ୍ଥା ସହ ରାଜ୍ୟ ସରକାର କେବେ ଚୁକ୍ତିନାମା କରିଥିଲେ; ଏହି ଶିଳ୍ପରେ କେତେ ପୁଞ୍ଜିନିବେଶର ଯୋଜନା ଥିଲା; ଚୁକ୍ତି ଅନୁଯାୟୀ କେବେ ସୁଦ୍ଧା ଏହି ଶିଳ୍ପରୁ ଉତ୍ପାଦନ ଆରମ୍ଭ ହେବାର ଥିଲା ଏବଂ ବର୍ତ୍ତମାନ ଶିଳ୍ପ ପ୍ରତିଷ୍ଠା କେଉଁ ସ୍ତରରେ ରହିଛି ?

----

## କଳିଙ୍ଗ ଷ୍ଟାଡିୟମର ଉନ୍ନତି

4471 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ରାଜଧାନୀରେ ଥିବା କଳିଙ୍ଗ ଷ୍ଟାଡିୟମର ଉନ୍ନତି ପାଇଁ ରାଜ୍ୟ ସରକାର ଗତ ୫ବର୍ଷ କେତେ ଅର୍ଥ ବ୍ୟୟ କରିଛନ୍ତି; ଏହି ସମୟ ମଧ୍ୟରେ କଳିଙ୍ଗ ଷ୍ଟାଡିୟମରେ କେଉଁ କେଉଁ ଉନ୍ନତିକରଣ ଓ ନିର୍ମାଣ କାର୍ଯ୍ୟ ହୋଇଛି ଏବଂ କେଉଁ କେଉଁ ସଂସ୍ଥା ଏହି କାର୍ଯ୍ୟ କରିଛନ୍ତି ?

----

## ଅର୍ଥ ପ୍ରଦାନ

4472 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ କେତୋଟି ବିଦ୍ୟାଳୟ ସାମିଲ ହୋଇଛନ୍ତି ଓ ଏହିସବୁ ବିଦ୍ୟାଳୟରେ କେଉଁ କେଉଁ ଇଲେକଟ୍ରୋନିକ ସାମଗ୍ରୀ ଲଗାଯାଇଛି ; ଏହିସବୁ ସାମଗ୍ରୀ କେଉଁ ଜିଲ୍ଲାରେ କେଉଁସବୁ ସଂସ୍ଥା ଲଗାଇଛନ୍ତି ଓ ସେମାନଙ୍କୁ ଏ ବାବଦରେ କେତେ ଅର୍ଥ ପ୍ରଦାନ କରାଯାଇଛି ?

----

## ଭତ୍ତା ତାଲିକାରୁ ନାମ ବାଦ୍ କରିବା ସମ୍ପର୍କରେ

4473 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭତ୍ତା ତାଲିକାରୁ ନାମ ବାଦ୍ ଦେବାପାଇଁ ସରକାରଙ୍କର ଥିବା ୧୦ଟି ମାନଦଣ୍ଡ ଆଧାରରେ ଗତ ୫ବର୍ଷ ମଧ୍ୟରେ କେଉଁ ଜିଲ୍ଲାରୁ କେତେ ଜଣ ବାଦ୍ ପଡିଛନ୍ତି; ଏହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ, ଏହି ମାନଦଣ୍ଡ ଆଧାରରେ ଭତ୍ତାଧାରୀମାନଙ୍କର ଯାଞ୍ଚ ପାଇଁ ସରକାରଙ୍କର କୌଣସି ଯୋଜନା ଅଛି କି; ଯଦି ହଁ, ତେବେ ଏହା ଶେଷଥର ପାଇଁ କେବେ ହୋଇଥିଲା ଏବଂ ସରକାର କେବେ ଠାରୁ ଯାଞ୍ଚ ଆରମ୍ଭ କରିବେ ?

----

## PSU ରେ ନିଯୁକ୍ତି

4474 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ସ୍କୁଲ ରୂପାନ୍ତିକରଣ ବାବଦରେ ବ୍ୟୟ

4475 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି ସ୍କୁଲକୁ ରୂପାନ୍ତିକରଣ କରାଯାଇଛି ; ଏହି ବାବଦକୁ କେତେ ଅର୍ଥ ବିନିଯୋଗ ହୋଇଛି ; ରୂପାନ୍ତିକରଣ ନାଁରେ ବିଭିନ୍ନ ଜିଲ୍ଲାରେ ଆଖିବୁଜା ଦୁର୍ନୀତି ହୋଇଥିବା ଘଟଣା ସତ୍ୟ କି ; ଏଥିପାଇଁ ଦାୟି କିଏ ଓ ବର୍ତ୍ତମାନ ସୁଦ୍ଧା ଏହି ଦିଗରେ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ଛାତ୍ର ସଂସଦ ନିର୍ବାଚନ

4476 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବିଭିନ୍ନ ଅନୁଦାନ ଏବଂ ଅଣଅନୁଦାନ କଲେଜ ଓ ବିଶ୍ୱ ବିଦ୍ୟାଳୟ ଗୁଡିକରେ ଛାତ୍ର ସଂସଦ ନିର୍ବାଚନ କେବେ ଠାରୁ ଓ କାହିଁକି ବନ୍ଦ କରାଯାଇଛି ; ଛାତ୍ର ସଂସଦ ନିର୍ବାଚନ ପାଇଁ ବିଭିନ୍ନ ମହଲରେ ବାରମ୍ବାର ଦାବୀ ହୋଇ ଆସୁଥିବା ବେଳେ କେବେ ସୁଦ୍ଧା ଛାତ୍ର ସଂସଦ ନିର୍ବାଚନ କରାଯିବ?

----

## ଶିଳ୍ପ କରାନଯିବାର କାରଣ

4477 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଏବେ ସୁଦ୍ଧା ରାଜ୍ୟରେ କେତୋଟି Industrial Estate ଅଛି ; ସେଠାରେ କେତୋଟି ଶିଳ୍ପ କାର୍ଯ୍ୟକ୍ଷମ ଓ କେତୋଟି ଅକାମୀ ହୋଇପଡିଛି ; କେତେଜଣଙ୍କ ଜାଗା ନେଇ ଏପର୍ଯ୍ୟନ୍ତ ଶିଳ୍ପ କରାନଯିବାର କାରଣ କଣ ଏବଂ ସେମାନଙ୍କ ଉପରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି?

----

## କଳିଙ୍ଗ ଷ୍ଟାଡିୟମର ନବୀକରଣ

4478 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ପ୍ରମୁଖ କ୍ରୀଡା କେନ୍ଦ୍ର କଳିଙ୍ଗ ଷ୍ଟାଡିୟମର ନବୀକରଣ ଆଳରେ ଗତ 5 ବର୍ଷରେ ମଧ୍ୟରେ କେତେ ଅର୍ଥ ଖର୍ଚ୍ଚ କରାଯାଇଛି ଏଥିପାଇଁ କେଉଁ ସଂସ୍ଥା/ବ୍ୟକ୍ତି ବିଶେଷକୁ ଟେଣ୍ଡର ଦିଆଯାଇଥିଲା ; ଟେଣ୍ଡରଧାରୀ କେଉଁ ପ୍ରକାର ଉନ୍ନୟନ କାମ କରିଛନ୍ତି?

----

## ମାଲିକାନା ହସ୍ତାନ୍ତର

4479 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ ଶିଳ୍ପଗୁଡିକ ଗତ 5 ବର୍ଷରେ ବିଭିନ୍ନ ପ୍ରକ୍ରିୟାରେ କେଉଁ ମାଲିକାନା ହାତକୁ କେଉଁ ସ୍ୱାର୍ଥରେ ହସ୍ତାନ୍ତର ହୋଇଛି ଓ କେଉଁ ଶିଳ୍ପଗୁଡିକ କେଉଁ କାରଣରୁ ବନ୍ଦ ହୋଇଯାଇଛି?

----

## କ୍ରୀଡାବିତଙ୍କୁ ଚାକିରୀ ପ୍ରଦାନ

4480 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଗତ 5 ବର୍ଷରେ କେତେଜଣ କ୍ରୀଡାବିତ୍ ନିଜର କ୍ରୀଡା ସଫଳତା ଯୋଗୁଁ ସରକାରୀ ଓ ବେସରକାରୀ ଚାକିରୀ ପାଇଛନ୍ତି?

----

## ITI ଖୋଲିବା ପ୍ରସ୍ତାବ

4481 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି ସରକାରୀ I.T.I. ଅଛି ଓ ସେସବୁରେ କେତେ ଛାତ୍ରଛାତ୍ରୀ ବର୍ତ୍ତମାନ ପଢୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ପ୍ରତି ବର୍ଷ କେତେ ପ୍ରତିଶତ ସରକାରୀ ଓ ବେସରକାରୀ ଚାକିରୀ ପାଉଛନ୍ତି ଏବଂ ଆଉ କେତୋଟି ନୂଆ ସରକାରୀ I.T.I. ଖୋଲିବାର ପ୍ରସ୍ତାବ ରହିଛି?

----

## ଭିନ୍ନକ୍ଷମଙ୍କ ସ୍ୱାକ୍ଷରତା

4482 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଭିନ୍ନକ୍ଷମ ଶ୍ରେଣୀରେ ସ୍ୱାକ୍ଷରତା ହାର ଓ ଶିକ୍ଷିତଙ୍କ ହାର କେତେ ଏବଂ ନିଯୁକ୍ତି ଯୋଗ୍ୟଙ୍କ ମଧ୍ୟରୁ କେତେ ପ୍ରତିଶତ ବେକାର ଅଛନ୍ତି ; ଭିନ୍ନକ୍ଷମଙ୍କ ସ୍ୱାକ୍ଷରତା, ପାଠପଢା ଓ ନିଯୁକ୍ତି ଲାଗି କଣ କରାଯାଉଅଛି?

----

## ପାଠ ପଢାରେ ଆଗ୍ରହ ସୃଷ୍ଟି ପାଇଁ ଯୋଜନା

4483 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ବିଶ୍ୱ ବିଦ୍ୟାଳୟ ଗୁଡିକରେ କେଉଁ କେଉଁ ବିଷୟରେ ଛାତ୍ର ଛାତ୍ରୀଙ୍କର ପଢିବାର ଆଗ୍ରହ କମୁଛି ଓ ତା'ର କାରଣ କ'ଣ ଏବଂ ସେଥିଯୋଗୁଁ ସେ ବିଷୟରେ କ'ଣ ପଦକ୍ଷେପ ନିଆଯାଉଛି ?

----

## ବେକାର ଯୁବକ ଯୁବତୀଙ୍କ ସଂଖ୍ୟା

4484 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବେକାର ଯୁବକ ଯୁବତୀ ମାନଙ୍କ ପାଇଁ ସରକାର ଚଳିତ ବଜେଟରେ କଣ ବ୍ୟବସ୍ଥା କରିଛନ୍ତି, ଓଡିଶାରେ ବର୍ତ୍ତମାନ ବେକାର ଯୁବକ ଯୁବତୀ ମାନଙ୍କ ସଂଖ୍ୟା କେତେ ?

----

## Mini Stadium ନିର୍ମାଣ

4485 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ସରକାର ସମୟରେ ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏଁ Mini Stadium ପାଇଁ ବ୍ୟବସ୍ଥା କରିଥିଲେ, ବର୍ତ୍ତମାନ ସରକାର ଆଉ ଗୋଟିଏ ଲେଖାଏଁ Mini Stadium କରିବା ପାଇଁ ପଦକ୍ଷେପ ନେବେ କି ?

----

**Skill Development Centre ପ୍ରତିଷ୍ଠା**

4486 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ଧାମରା ଠାରେ ଏକ Skill Development Centre ପ୍ରତିଷ୍ଠା ପାଇଁ ସରକାର ପଦକ୍ଷେପ ନେବେ କି ?

----

**Scholarship ପ୍ରଦାନ ପାଇଁ ପଦକ୍ଷେପ**

4487 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Nua (O) Scholarship ପାଇଁ Budget ରେ କୌଣସି ବ୍ୟବସ୍ଥା ନାହିଁ, ଗରିବ ଛାତ୍ର ଛାତ୍ରୀଙ୍କ ପାଇଁ ଏହି Scholarship ନିତ୍ୟାନ୍ତ ଆବଶ୍ୟକ ଥିବାବେଳେ ଏହି ଯୋଜନା ପାଇଁ Budget ରେ ବ୍ୟବସ୍ଥା ନଥିବା ସତ୍ୟ କି ?

----

**Drop out ରୋକିବାକୁ ପଦକ୍ଷେପ**

4488 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ସାଧାରଣ ବର୍ଗ ଓ ପଛୁଆ ବର୍ଗକୁ ସାମିଲ କରାନଯିବାର କାରଣ କ'ଣ, ସାଧାରଣ ବର୍ଗ ଓ ପଛୁଆ ବର୍ଗ ପିଲାଙ୍କ Drop out ରୋକିବାକୁ କ'ଣ ଯୋଜନା କରୁଛନ୍ତି ?

----

**ପେନସନ ପ୍ରଦାନ**

4489 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବ୍ଲକ ଗ୍ରାଣ୍ଟ ପାଉଥିବା କର୍ମଚାରୀଙ୍କୁ ମାନ୍ୟବର ହାଇକୋର୍ଟ ପେନସନ ପରିସରଭୁକ୍ତ କରିବା ପାଇଁ ( EWPCC) Case No - ୧୫୬୧୩/ ୨୦୧୬ ଅନୁଯାୟୀ ନିର୍ଦ୍ଦେଶ ଦେଇଥିଲେ କିଛି କର୍ମଚାରୀ Pension ପରିସରଭୁକ୍ତ ହୋଇଥିବାବେଳେ ଅନ୍ୟ ଏକ Case No-୧୭୦୬୭ /୨୩ ରେ ପୁନର୍ବାର ପେନସନ କାହା ପାଇଁ ନିର୍ଦ୍ଦେଶ ଦିଆଯାଇଛି; ୬୬୨ବର୍ଗ କଲେଜ ଅଧ୍ୟାପକ ଓ କର୍ମଚାରୀମାନେ ୩୦ ବର୍ଷରୁ ଉର୍ଦ୍ଧ୍ବକାଳ କାମ କରିବା ପରେ ବିନା ପେନସନ ଓ ଅବସରକାଳୀନ ସୁବିଧା ନ ପାଇ ଅବସର ନେବା କଷ୍ଟଦାୟକ ନୁହେଁ କି ;ଏମାନଙ୍କ ସାମାଜିକ ସୁରକ୍ଷା ପାଇଁ ସରକାର ଏମାନଙ୍କ ପାଇଁ କେବେ ପେନସନ ବ୍ୟବସ୍ଥା ଘୋଷଣା କରିବେ କରିବେ କି ?

----

## ଶିଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତି

4490 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୂଆ ଶିଳ୍ପନୀତି ପରେ କେତେ ଟଙ୍କାରେ କେତୋଟି ଶିଳ୍ପ କେଉଁଠି କେବେଠାରୁ ହୋଇଛି ଓ କେତୋଟି ଶିଳ୍ପ କେଉଁ କେଉଁ ସ୍ଥାନରେ ହେବାପାଇଁ MOU କରିଛି ?

----

## ଯୁବକ ଯୁବତୀଙ୍କୁ ରୋଜଗାରକ୍ଷମ କରିବାକୁ ଯୋଜନା

4491 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାର ଯୁବକମାନଙ୍କ ହାତକୁ ରୋଜଗାର ଦେବା ପାଇଁ କି କି ପଦକ୍ଷେପ ନେବାକୁ ଯାଉଛନ୍ତି ଓ କି କି କାର୍ଯ୍ୟକ୍ରମ ଆରମ୍ଭ କଲେଣି ସେଥିପାଇଁ ଚଳିତ ବଜେଟରେ କେତେ ଲାଞ୍ଚ ବ୍ୟବସ୍ଥା କରାଯାଇଛି ?

----

## ଶିକ୍ଷକ ପଦବୀ ପୂରଣ

4492 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବିଭିନ୍ନ କ୍ଲାସର ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ କେଉଁ ଶ୍ରେଣୀ ପାଇଁ କେତେ ପରିମାଣରେ ଶିକ୍ଷକ ମଞ୍ଜୁରୀପ୍ରାପ୍ତ ପଦବୀ ଅଛି ଓ ବର୍ତ୍ତମାନ କେତେ ଖାଲି ଅଛି ତାର ସ୍ୱଷ୍ଟ ବିବରଣୀ ୧ମରୁ ୧୦ ମ ଶ୍ରେଣୀ ପର୍ଯ୍ୟନ୍ତ ଦେବେ କି; ଖାଲିଥିବା ଶିକ୍ଷକ ପଦପାଇଁ ନୂତନ ନିଯୁକ୍ତି ଦେବେ କି ?

----

## ଜଙ୍ଗଲ ଜମି ପଟ୍ଟା ପ୍ରଦାନ

4493 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ସରକାର Special Development Council ଗୁଡ଼ିକୁ ବନ୍ଦକରିଦେବେ ନା ଚଲାଇ ରଖିବେ ; ସେହିପରି ଓଡ଼ିଶାରେ ଗତ ୬ ବର୍ଷରେ କେତେ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ଦିଆଯାଇଛି ?

----

## IEV ମାନଙ୍କୁ ସ୍ଥାୟୀ ନିଯୁକ୍ତି

4494 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଭିନ୍ନକ୍ଷମ IEV ମାନଙ୍କର ମାସିକ ବେତନ/ ପାରିଶ୍ରମିକ କେତେ ରହିଛି ଏବଂ ସେମାନେ ଅଦ୍ୟାବଧି କେତେ ମାସର କେଉଁ କାରଣ ପାଇଁ ବେତନ ପାଇ ନାହାଁନ୍ତି ଓ କେବେ ଦିଆଯିବ ତାହା ନିର୍ଦ୍ଦିଷ୍ଟ ଭାବେ ଜଣାଇବେ କି, ଏବଂ ଖ) ୧୨ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟରତ ଅଭିଜ୍ଞତାକୁ ହିସାବକୁ ନେଇ କେନ୍ଦ୍ର ସରକାରଙ୍କ ଭିନ୍ନକ୍ଷମ ଆଇନ ୨୦୧୬ କୁ କାର୍ଯ୍ୟକାରୀ ନ କରିବାର କାରଣ କ'ଣ ଏବଂ IEV ମାନଙ୍କୁ ଏକ ନିର୍ଦ୍ଦିଷ୍ଟ ବିଦ୍ୟାଳୟରେ ସ୍ଥାୟୀ ନିଯୁକ୍ତି ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନେବେ କି ?

----

## ରାଜ୍ୟରେ କ୍ରୀଡା ବିକାଶ

4495 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କ୍ରୀଡାର ବିକାଶ ପାଇଁ ଅଦ୍ୟାବଧି କେଉଁ ଜିଲ୍ଲାର କେତୋଟି କେଉଁଠାରେ ଷ୍ଟାଡିୟମ, ଇନ୍‌ଡୋର ଷ୍ଟାଡିୟମ ଓ ମିନିଷ୍ଟାଡିୟମ ରହିଛି ତାର ଜିଲ୍ଲାୱାରୀ ତାଲିକା ଦେବା ସହ, ସେଗୁଡିକୁର ରକ୍ଷଣାବେକ୍ଷଣା ଓ ଉନ୍ନତି ପାଇଁ ବିଭାଗପକ୍ଷରୁ କି କି ପଦକ୍ଷେପ ନିଆଯାଇଛି ତାର ଏକ ବିବରଣୀ ଉପସ୍ଥାପନା କରିବେ କି ଏବଂ ବ୍ଲକ୍‌ସ୍ତରରେ କ୍ରୀଡାର ବିକାଶ ପାଇଁ ୨୦୨୪- ୨୫ ବର୍ଷରେ ଅଧିକ ମିନିଷ୍ଟାଡିୟମ ସ୍ଥାପନା ପାଇଁ ବିଭାଗ ପକ୍ଷରୁ କି ବ୍ୟବସ୍ଥା ରହିଛି ଏବଂ କଟକ ଜିଲ୍ଲାର କେତୋଟି ଓ କେଉଁଠାରେ ମିନିଷ୍ଟାଡିୟମ ନିର୍ମାଣ ପାଇଁ ଯୋଜନା ରହିଛି ତାହାର ଏକ ତାଲିକା ଦେବେ କି ?

----

## ଆଇଟିଡିଏକୁ ଅନୁଦାନ ରାଶି

4496 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟର କେଉଁ କେଉଁ ଆଇଟିଡିଏକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କେଉଁ କେଉଁ ଯୋଜନା ମାଧ୍ୟମରେ କେଉଁ ପ୍ରକଳ୍ପ ପାଇଁ କେଉଁ ବର୍ଷ କେତେ ଅର୍ଥ ମିଳିଛି ଏବଂ ମିଳିଥିବା ଅର୍ଥ କେଉଁ ଯୋଜନା/ପ୍ରକଳ୍ପ ବାବଦକୁ ବ୍ୟୟ କରାଯାଇଛି ଓ କେତେ ଅର୍ଥ ଖର୍ଚ୍ଚ ନ ହୋଇ ବଳକା ରହିଛି ତା'ର ସବିଶେଷ ବିବରଣୀ ଆଇଟିଡିଏୱାରୀ, ବର୍ଷୱାରୀ ଓ ଯୋଜନା/ ପ୍ରକଳ୍ପୱାରୀ ୨୦୨୦- ୨୧ରୁ ୨୦୨୩-୨୪ ବର୍ଷ ମଧ୍ୟରେ ପ୍ରଦାନ କରିବେ କି, ଚଳିତ ବର୍ଷରେ କି କି ଯୋଜନା ରହିଛି ତା'ର ସବିଶେଷ ତଥ୍ୟ ଜଣାଇବେ କି ?

----

## ଲୋକ କଳାର ପ୍ରଚାର ପ୍ରସାର

**4497 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ୨୦୨୧ ମସିହାରୁ ଗଠନ କରାଯାଇ ଥିବା ଜିଲ୍ଲା କଳା ସଂସ୍କୃତି ସଂଘ, ବ୍ଲକ କଳା ସଂସ୍କୃତି ସଂଘରେ କେତେ କଳାକାର ପଞ୍ଜୀକୃତ ହୋଇଛନ୍ତି ତାହାର ଜିଲ୍ଲାୱାରି ଓ ବ୍ଲକୱାରୀ ତାଲିକା ଦେବେ କି , ଲୋକକଳା ସଂଘର ଦୃଢ଼ୀକରଣ ପାଇଁ ବିଭାଗ ପକ୍ଷରୁ କି କି କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ଜଣାଇବା ସହ, ଲୋକକଳାର କଳାକାରମାନଙ୍କ ଉନ୍ନତି ପାଇଁ କଳାକାରମାନଙ୍କୁ ବିଭିନ୍ନ ସମୟରେ କାର୍ଯ୍ୟକ୍ରମ ପ୍ରଦାନ କରି ସେମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି, ୨୦୨୧ ମସିହାରୁ ଅଦ୍ୟାବଧି କେଉଁ ବ୍ଲକ ଗୁଡିକୁ ଏ ଦିଗରେ ଉନ୍ନତି ପାଇଁ କେତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ତାହାର ଏକ ବିବରଣୀ ପ୍ରଦାନ କରିବା ସହ,ଏହି ବିଲୁପ୍ତ ପ୍ରାୟ ଲୋକ କଳାର ପ୍ରଚାର ପ୍ରସାର ପାଇଁ ବିଭାଗ ପକ୍ଷରୁ କି କି କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି ?

----

## କ୍ରୀଡା ପ୍ରଶିକ୍ଷଣ ମହାବିଦ୍ୟାଳୟ ସମ୍ପର୍କରେ

**4498 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ଅଦ୍ୟାବଧି କେତୋଟି କେଉଁ ଜିଲ୍ଲାରେ କ୍ରୀଡା ପ୍ରଶିକ୍ଷଣ ମହାବିଦ୍ୟାଳୟ ସରକାରୀ ଓ ବେସରକାରୀ ଭାବରେ ଗୁଲୁଅଛି ଏବଂ କେଉଁ ମହାବିଦ୍ୟାଳୟରେ କେଉଁ କେଉଁ ପାଠ୍ୟକ୍ରମ କେତେ ସ୍ଥାନ, ବିଶିଷ୍ଟ ରହିଅଛି, ତା'ର ମହାବିଦ୍ୟାଳୟ ୱାରୀ ସମସ୍ତ ବିବରଣୀ ପ୍ରଦାନ କରିବେ କି, ଏବଂ (ଖ) ବେସରକାରୀ ମହାବିଦ୍ୟାଳୟ ଗୁଡିକୁ ସରକାରୀ ସ୍ତରୀୟ କରିବା ପାଇଁ କି କି ନୀତିନିୟମ ଅଛି, ଏହି ବେସରକାରୀ କ୍ରୀଡା ପ୍ରଶିକ୍ଷଣ ମହାବିଦ୍ୟାଳୟ ଗୁଡିକ ତା'ର ପରିସରଭୁକ୍ତ ହେଉଛନ୍ତି କି ନାହିଁ ତାହା ଜଣାଇବା ସହ ସେଗୁଡିକୁ ସରକାରୀକରଣ କରିବା ପାଇଁ ପଦକ୍ଷେପ ନେବେ କି ?

----

## ଗବେଷଣା କେନ୍ଦ୍ର ପ୍ରତିଷ୍ଠା

**4499 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲାରେ ଅନୁସୂଚିତ ଜନଜାତି ସଂଗ୍ରହାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ପଦବୀ ପୂରଣ

**4500 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- କେନ୍ଦୁଝର ଜିଲ୍ଲାରେ ପ୍ରତିଷ୍ଠିତ କେଉଁ ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର ଅଧ୍ୟାପକ, ପ୍ରଶିକ୍ଷକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ସ୍ମାରକୀ ପ୍ରତିଷ୍ଠା ପାଇଁ ପଦକ୍ଷେପ

4501 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- କେନ୍ଦୁଝର ଭୂୟାଁ ପ୍ରଜାମେଳୀ ନେତା ବିପ୍ଳବୀ ଧରଣୀଧର ନାଏକ(ଭୂୟାଁ) ଙ୍କ ଜନ୍ମପୀଠ କୁସୁମିତା ଠାରେ ବିପ୍ଳବୀ ଧରଣୀଧର ସ୍ମାରକୀ ପ୍ରତିଷ୍ଠା ପାଇଁ ସରକାରଙ୍କର ପ୍ରସ୍ତାବ ଅଛି କି, ଉତ୍ତର 'ହଁ' ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି?

----

## ଖାରବେଳଙ୍କ ସ୍ମାରକୀ ପ୍ରତିଷ୍ଠା

4502 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଶ୍ରୀକ୍ଷେତ୍ର ପୁରୀରେ କାଞ୍ଚି ଅଭିଯାନ ସ୍ମାରକୀ ସହ ଖଣ୍ଡଗିରିଠାରେ ଐର ଖାରବେଳଙ୍କ ସ୍ମାରକୀ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର 'ହଁ' ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି?

----

## ଦିବ୍ୟାଙ୍ଗଙ୍କୁ ସଂରକ୍ଷଣ ପ୍ରଦାନ

4503 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ ଦିବ୍ୟାଙ୍ଗମାନଙ୍କୁ ସରକାରୀ ଚାକିରୀରେ କେତେ ଶତାଂଶ ସଂରକ୍ଷଣ ପ୍ରଦାନ କରାଯାଉଅଛି, ଅଦ୍ୟାବଧି କେଉଁ ବିଭାଗ ଅଧିନରେ କେତେଜଣ ଦିବ୍ୟାଙ୍ଗଙ୍କୁ ନିଯୁକ୍ତି ସୁଯୋଗ ଦିଆଯାଇଛି ପ୍ରକାଶ କରି ସରକାରୀ କାର୍ଯ୍ୟାଳୟ ଭଳି ଘରୋଇ ଅନୁଷ୍ଠାନରେ ଦିବ୍ୟାଙ୍ଗମାନଙ୍କୁ ଚାକିରୀରେ ସଂରକ୍ଷଣ ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରିବେକି?

----

## UGME ସ୍କୁଲକୁ ହାଇସ୍କୁଲରେ ପରିଣତ

4504 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୂଆପଡା)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ସରକାରଙ୍କ ନିୟମ ଅନୁଯାୟୀ ପ୍ରତି ଗ୍ରାମ ପଂଚାୟତରେ ଗୋଟିଏ ହାଇସ୍କୁଲ ହେବା କଥା, କିନ୍ତୁ ନୂଆପଡା ନିର୍ବାଚନମଣ୍ଡଳୀର ସଲିହା ଗ୍ରାମ ପଂଚାୟତରେ ଗୋଟିଏ ହାଇସ୍କୁଲ ନାହିଁ, ସଲିହା ଗ୍ରାମ ପଂଚାୟତରେ ଥିବା UGME ସ୍କୁଲକୁ ଅପଗ୍ରେଡ କରି ହାଇସ୍କୁଲରେ ପରିଣତ କରାଗଲେ ସଲିହାରେ ଗୋଟିଏ ହାଇସ୍କୁଲ ହୋଇପାରନ୍ତା, ସରକାର ଏ ସମ୍ବନ୍ଧରେ କିଛି ବିଚାର କରୁଛନ୍ତି କି ଏବଂ କେବେସୁଦ୍ଧା ସଲିହା UGME ସ୍କୁଲକୁ ହାଇସ୍କୁଲରେ ପରିଣତ କରିବେ?

----

### +2 ହାଇସ୍କୁଲର ମାନ୍ୟତା

4505 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୂଆପଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ନୂଆପଡା ନିର୍ବାଚନମଣ୍ଡଳୀର ନୂଆପଡା ବ୍ଲକରେ ସାରାବଙ୍ଗ ହାଇସ୍କୁଲ ଏବଂ ବେଲଟୁକୁରୀ ହାଇସ୍କୁଲକୁ ଅପଗ୍ରେଡ କରି +2 ହାଇସ୍କୁଲରେ ପରିଣତ କରିବା ପାଇଁ ପ୍ରସ୍ତାବ ଅନୁସାରେ ସରକାର ତା ଉପରେ କି ପଦକ୍ଷେପ ଗ୍ରହଣ କରିଛନ୍ତି, କେବେସୁଦ୍ଧା ଉକ୍ତ +2 ହାଇସ୍କୁଲକୁ +2 ହାଇସ୍କୁଲର ମାନ୍ୟତା ମିଳିବ?

----

### ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ପଦକ୍ଷେପ

4506 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୂଆପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ନୂଆପଡା National College + Arts/Commerce ଓ + 2 Scienceରେ ସିଟ୍ ସଂଖ୍ୟା ବୃଦ୍ଧି କରିବା ପାଇଁ ଯାହା ପ୍ରସ୍ତାବ ଦିଆଯାଇଛି ସରକାର ତା ଉପରେ କି ପଦକ୍ଷେପ ନେଉଛନ୍ତି, କେବେଠାରୁ Nuapada National College ରେ ସିଟ୍ ସଂଖ୍ୟା ବୃଦ୍ଧି କରି ପିଲାମାନଙ୍କୁ ଆଡମିଶନ ଦିଆଯିବ?

----

### Sports complex କରିବା ପାଇଁ ପଦକ୍ଷେପ

4507 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୂଆପଡା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ନୂଆପଡା ଜିଲ୍ଲାରେ ଗୋଟିଏ Sports complex କରିବା ପାଇଁ ସରକାର ସ୍ଥିର କରିଥିଲେ, ସେଥିନିମନ୍ତେ କଲେକ୍ଟର ନୂଆପଡା ଯାଗା ଚିହ୍ନଟ କରିସାରିଛନ୍ତି, ଉକ୍ତ କାର୍ଯ୍ୟ ନିମନ୍ତେ କେତେ ଟଙ୍କା sanction କରାଯାଇଛି ଏବଂ କେବେଠାରୁ Sports complex କାର୍ଯ୍ୟ ଆରମ୍ଭ ହେବ?

----

### Final Pension ପ୍ରଦାନ

4508 **ଶ୍ରୀ ରାଜେନ୍ଦ୍ର ଢୋଲକିଆ (ନୂଆପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː-ː-

----

## ହାଇସ୍କୁଲ ନିର୍ମାଣ

**4509 ଶ୍ରୀ ରୋହିତ ଯୋଶେଫ ତିର୍କି (ବୀରମିତ୍ରପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବିଶ୍ରା ବ୍ଲକ ଅନ୍ତର୍ଗତ ବଡବମ୍ଭଆ ପଂଚାୟତରେ କୌଣସି ହାଇସ୍କୁଲ ନଥିବା ସତ୍ୟ କି, (ଖ) ଯଦି ହଁ ତାହାହେଲେ ଉକ୍ତ ଗ୍ରାମ ପଂଚାୟତରେ ଏରଲା ଠାରେ ଏକ ହାଇସ୍କୁଲ ନିର୍ମାଣ ପାଇଁ ପଦକ୍ଷେପ ନେବେ କି?

----

## ଶିକ୍ଷକଙ୍କ ତାଲିକା ପ୍ରଦାନ

**4510 ଶ୍ରୀ ରୋହିତ ଯୋଶେଫ ତିର୍କି (ବୀରମିତ୍ରପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିରମିତ୍ରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଦ୍ୟାଳୟମାନଙ୍କରେ କେତେ ଶିକ୍ଷକ ନିଯୁକ୍ତି ଦିଆଯାଇଛି ଏବଂ ତନ୍ମଧ୍ୟରୁ କେତେ ଶିକ୍ଷକଙ୍କ deputation ରେ ଅନ୍ୟତ୍ର ପଠାହୋଇଛି?

----

## ଖାଦ୍ୟ ସାମଗ୍ରୀ ଯୋଗାଣ

**4511 ଶ୍ରୀ ରୋହିତ ଯୋଶେଫ ତିର୍କି (ବୀରମିତ୍ରପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିରମିତ୍ରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁଆରମୁଣ୍ଡା ବ୍ଲକ, ନୂଆଗାଁ ବ୍ଲକ, ବିଶ୍ରା ବ୍ଲକ ଓ ବିରମିତ୍ରପୁର ପୌରପାଳିକାରେ କେଉଁ ବିଦ୍ୟାଳୟକୁ କେତେ ପରିମାଣରେ ଚାଉଳ, ପନିପରିବା ଏବଂ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି?

----

## ବିଦ୍ୟାଳୟରେ ବ୍ୟାପକ ଦୁର୍ନିତୀ

**4512 ଶ୍ରୀ ରୋହିତ ଯୋଶେଫ ତିର୍କି (ବୀରମିତ୍ରପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କୁଆରମୁଣ୍ଡା ବ୍ଲକ ଓ ନୁଆଗାଁ ବ୍ଲକ ଅନ୍ତର୍ଗତ ସର୍ବଶିକ୍ଷା ଅଭିଯାନରେ ହୋଇଥିବା ରୁପାନ୍ତରୀକରଣ ଯୋଜନାରେ ନିମ୍ନଲିଖିତ ବିଦ୍ୟାଳୟମାନଙ୍କରେ ବ୍ୟାପକ ଅନିୟମିତତା ହୋଇଥିବା ସତ୍ୟ କି ଯଦି ହଁ ତାହାହେଲେ ସଂପୃକ୍ତ ଠିକାଦାରମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେକି, (ଖ) ଇନ୍ଦ୍ରପୁର ସେବାଶ୍ରମ, କ୍ରିଷ୍ଟା ଗଡତିଆ ହାଇସ୍କୁଲ ରାଏବଣା ଦୁଲହାପୁର ପ୍ରାଇମେରୀ ସ୍କୁଲ, ଦୁଲବାହାପୁର ଅପର ପ୍ରାଇମେରୀ ସ୍କୁଲ, ନୂଆଗାଁ ବ୍ଲକ ଅନ୍ତର୍ଗତ ଗୋପପୁର ଅପର ପ୍ରାଇମେରୀ ସ୍କୁଲ?

----

## DEO/BEO ଙ୍କ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି

**4513 ଶ୍ରୀ ରୋହିତ ଯୋଶେଫ ତିର୍କି (ବୀରମିତ୍ରପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) DEO/BEO ଙ୍କ କାର୍ଯ୍ୟାଳୟରେ କେତେଜଣ ସ୍ଥାୟୀ କର୍ମଚାରୀ ଓ ଅସ୍ଥାୟୀ କର୍ମଚାରୀ ଅଛନ୍ତି, ତାର ଏକ ତାଲିକା Kuarmunda, BEO Nuagoan BEO, Bisra BEO and Biramitrapur ପୌରପାଳିକାଓ୍ୱାରୀ ଏବଂ ସୁନ୍ଦରଗଡ DEO ର ଏକ ତାଲିକା ଦେବେକି, (ଖ) ଉକ୍ତ DEO/BEO ଙ୍କ କାର୍ଯ୍ୟାଳୟରେ ବ୍ୟାପକ ଅର୍ଥ ତୋଷାରପାତ ହେଉଥିବା ସତ୍ୟ କି, ଯଦି ହଁ ତାହାହେଲେ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି?

----

## ନିଶାସକ୍ତ କେନ୍ଦ୍ର ଖୋଲିବାକୁ ପଦକ୍ଷେପ

4514 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ କେଉଁ ସ୍ଥାନରେ କେତୋଟି ନିଶାସକ୍ତ କେନ୍ଦ୍ର ଖୋଲାଯାଇଛି ଓ ସେସବୁରେ କେତେ ଅନ୍ତେବାସୀ ଅଛନ୍ତି, କେତେଜଣ ନିଶା ଛାଡିଲେଣି କହିବେ କି, ସେହିଭଳି ରାଜ୍ୟରେ କେତୋଟି ଘରୋଇ ସଂସ୍ଥା ମାନସିକ ବିକାରଗ୍ରସ୍ତ ଲୋକମାନଙ୍କର ଯତ୍ନ ନେଉଛନ୍ତି ଓ ସେହି ସଂସ୍ଥାଗୁଡିକର କମ ପାଇଁ ସରକାରଙ୍କର କିଛି ମାର୍ଗଦର୍ଶନ ଅଛି କି?

----

## ଶିଳ୍ପ ପାଇଁ ପୁଜିଂନିବେଶ

4515 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ ସରକାର ଜାପାନ ସରକାରଙ୍କ ସହ MOU କରିଥିଲେ ଓଡିଶାରେ ଗୋଟେ ବୃହତ steel plant ବସାଇବା ପାଇଁ ଓ ନିପନ ଷ୍ଟିଲ ସହ ଏଗ୍ରିମେଣ୍ଟ ହୋଇଥିଲା ୭୦,000 କୋଟି ଟଙ୍କା ବିନିମୟରେ ହେବା ପାଇଁ, ହେଲେ ଏହି ଚୁକ୍ତିର status ଏବେ କଣ, NIPPON Company କରିବ ନା ନାହିଁ ଜଣାଇବେକି, ସେହିଭଳି ସରକାର କେନ୍ଦୁଝର ଜିଲ୍ଲାରେ ଏହି ବୃହତ୍ତ steel plant କରିବେ ବୋଲି ଘୋଷଣା କରିଥିବାରୁ ଏହାର ନିଶ୍ଚିତତା ପାଇଁକିଛି ପାଦ ଆଗକୁ ଗଲେଣି କି, ଆଉ କେଉଁ କେଉଁ ସ୍ଥାନରେ କି କି ପ୍ରକାର ବୃହତ ଶିଳ୍ପ ପାଇଁ କଂପାନୀମାନେ ଓଡିଶାରେ ପୁଜିଂନିବେଶ କରିବା ପାଇଁ ରାଜି ଅଛନ୍ତି?

----

## କର୍ମଚାରୀଙ୍କ ପଦୋନ୍ନତି

4516 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- SC/ST କର୍ମଚାରୀଙ୍କ ପଦୋନ୍ନତି ନିମନ୍ତେ ବିଧିବିଭାଗ ନିର୍ଦ୍ଦେଶନାମା 27.2.2024 ଟ୍ରିବ୍ୟୁନ୍ୟାଲ ରାୟ ଓ ତତକାଳୀନ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ଦେଇଥିବା 2018 କୁ ପାଥେୟ କରି SC/ST ବିଭାଗ ତରଫରୁ ଚିଠି ନଂ ୨୫୩୪ ତା. ୬.5.2024ରେ ପଦୋନ୍ନତି ପାଇବାକୁ ଥିବା ଶେଷ ସାଧାରଣ ବର୍ଗ କର୍ମଚାରୀଙ୍କ ଉପରେ ରହୁଥିବା SC/ST କର୍ମଚାରୀଙ୍କୁ UR Post ରେ ପଦୋନ୍ନତି ଦେବା ପାଇଁ ସମ୍ମତି ପ୍ରକାଶ କରିଥିଲେ ସୁଦ୍ଧା ପୁନଶ୍ଚ କାହା ସ୍ୱାର୍ଥରେ SC/ST ବିଭାଗ ଚିଠି ନଂ 12105 ତା. 13.୬.2024ରେ ପ୍ରତ୍ୟାହାର କଲା ତାର ସ୍ୱଷ୍ଟ ଉତ୍ତର ଦେବେ କି, ମାନ୍ୟବର ଉଚ୍ଚ ନ୍ୟାୟାଳୟ ମଧ୍ୟ ଗତ 24.7.2024 ରେ ଦେଇଥିବା ରାୟ ପରିପ୍ରେକ୍ଷୀରେ ସରକାର SC/ST କର୍ମଚାରୀଙ୍କ ପଦୋନ୍ନତି ନିମନ୍ତେ କି ପଦକ୍ଷେପ ନେବାକୁ ଯାଉଛନ୍ତି ସେ ସଂପର୍କରେ clear guideline ଜାରି କରିବେ କି?

----

## Private Coaching Centre ଗୁଡିକର ଭିତ୍ତିଭୂମି ଉନ୍ନୟନ

4517 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବିଭିନ୍ନ ଅଂଚଳରେ ଛତୁ ଫୁଟିଲା ଭଳି Private Coaching Centre ଖୋଲାଯାଇ ବିଭିନ୍ନ ପାଠ୍ୟକ୍ରମରେ, ନିଯୁକ୍ତି ପ୍ରତିଯୋଗୀତାମୂଳକ ପରୀକ୍ଷା ପାଇଁ, ଡାକ୍ତର, ଇଂଜିନିୟରଟି entrance ରେ ସଫଳତା ପାଇବା ପାଇଁ Banking, OAS, IAS ଭଳି ପରୀକ୍ଷା ସମ୍ମୁଖୀନ ହେବା ପାଇଁ ଶିକ୍ଷାଦାନ ଦିଆଯାଉଥିବାବେଳେ ପ୍ରକୃତରେ ସେହି ସେଣ୍ଟର ରେ ଆବଶ୍ୟକ ସଂଖ୍ୟକ ପ୍ରକୃତ ଜ୍ଞାନ ଥିବା faculity ନଥିବା କଥା ଛାତ୍ରଛାତ୍ରୀମାନେ ହଠାତ୍ ଜାଣିପାରୁନଥିବାରୁ ସେମାନଙ୍କୁ ଠକେଇର ଶିକାର ନ ହେବାରୁ ରକ୍ଷା କରିବା ପାଇଁ ସରକାରଙ୍କର Private Coaching Centre ଗୁଡିକର ଭିତ୍ତିଭୂମି ତଦାରଖ କରିବେକି?

----

## ଶିକ୍ଷକ ପଦବୀ ପୂରଣ

4518 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ମୋଟ ଶ୍ରମଶକ୍ତିର 307 ରୁ ଉର୍ଦ୍ଧ୍ୱ ଲୋକ ବିଭିନ୍ନ ଶିଳ୍ପ କ୍ଷେତ୍ରରେ ନିୟୋଜିତ ଥିବାରୁ ସେମାନଙ୍କ ଦକ୍ଷତା ବିକାଶ କରାଇବା, ବିକଶିତ ଓଡିଶାର ସ୍ୱପ୍ନ ଦେଖୁଥିବା ସରକାର ସ୍ୱପ୍ନ ସାକାର କରିବା ପାଇଁ ଆ.ଇ.ଟି.ଆଇ. କେନ୍ଦ୍ରଗୁଡିକରେ ଭିତ୍ତିଭୂମିର ବିକାଶକରିବା ପାଇଁ ପଦକ୍ଷେପ ନେବେକି, ଖପୁରିଆସ୍ଥିତ ସରକାରୀ ଆ.ଇ.ଟି.ଆଇ. କେନ୍ଦ୍ରରେ ଦିର୍ଘଦିନ ଧରି ଶିକ୍ଷକ, ଅଣ ଶିକ୍ଷକ ପଦବୀ ଖାଲି ପଡିଥିବାରୁ ଛାତ୍ରଛାତ୍ରୀମାନେ ଉପଯୁକ୍ତ ଶିକ୍ଷାପ୍ରାପ୍ତିରୁ ବଂଚିତ ହେଉଥିବା ଖବର ସରକାର ଜାଣିଛନ୍ତିକି, ଯଦି ହଁ ତେବେ ଶିକ୍ଷକ ପଦ ପୂରଣ କରି ଏହି ବହୁ ପୁରାତନ ଆ.ଇ.ଟି.ଆଇ. କୁ ଗତିଶୀଳ କରିବେ କି ?

----

## Total Amount of CSR Fund

4519 **Sofia Firdous (Barabati-cuttack)ଃ**

Will the Minister for **Industries** be pleased to state that:-:-

(a) What is the total amount of Corporate Social Responsibility (CSR) funds allocated for the Barabati Cuttack constituency in the last fiscal year and the current fiscal year; (b) How much of these funds were utilized in the last fiscal year, and what is the total amount of funds pending for utilization this year; Provide a detailed breakdown of these funds, identifying the allocation and utilization PSU-wise, along with the specific areas of allocation within Barabati Cuttack ?

----

**Upgradation of Library**

**4520 Sofia Firdous (Barabati-cuttack):**

Will the Minister for **Odia Language, Literature & Culture** be pleased to state that:-:-

(a) What is the current status of implementation of the Odisha Public Library Act-2001, which received assent in 2002, and its subsequent Rules published in the Odisha Gazette in 2016; (b) Whether the Government has formulated any plan to fill the vacancies of librarian positions in public libraries, educational institutions (including 314 OAVS schools), colleges, and universities across the state ; What is the proposed timeline to fill all positions thereof; What measures has the Government undertaken to align with the National Mission for Libraries for Upgradation of Libraries, initiated by the Ministry of Culture, Government of India in 2012?

----

**Engagement of School Co-Ordinators**

**4521 Sofia Firdous (Barabati-cuttack):**

Will the Minister for **School and Mass Education** be pleased to state that:-:-
(a) Given the recent tender notification by OCAC for selecting an agency to provide computer assistants in secondary schools: (i) How does the government justify not directly re-engaging the 4000 disengaged "School Coordinators" who have 5 years of relevant experience; (ii) What immediate steps are being taken to consider these experienced coordinators for the new "Computer Assistant" positions;(b) Whether the government has formulated any strategies for the re-engagement of the aforementioned 4000 disengaged school coordinators within the state's educational system?

----

4522 **Sofia Firdous (Barabati-cuttack):**

Will the Minister for **Health and Family Welfare** be pleased to state that:-:-

----

### Job security for Guest Faculty

4523 **Sofia Firdous (Barabati-cuttack):**

Will the Minister for **Skill Development & Technical Education** be pleased to state that:-:- (a) What specific plans does the government have to ensure fair and equitable monthly remuneration for all guest faculty and guest lab assistants employed in government polytechnics across Odisha; (b) What additional benefits will the government provide to these guest positions to improve their overall compensation package; What concrete steps will the government take to enhance job security for guest faculty and guest lab assistants in these Government polytechnic institutions ?

----

### କଳାକାର ଭତ୍ତା ପ୍ରଦାନ

4524 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାରେ ମୁଖ୍ୟମନ୍ତ୍ରୀ କଳାକାର ଯୋଜନାରେ କେଉଁ ବ୍ଲକ ଓ ପୌର ସଂସ୍ଥାରେ କେଉଁ କେଉଁ କଳାକାରମାନଙ୍କୁ ଭତ୍ତା ପ୍ରଦାନ କରାଯାଉଛି, ପ୍ରକାଶ କରି ଅନ୍ୟ କଳାକାରମାନଙ୍କୁ ସୁଯୋଗ ଦେବାକୁ କି ପଦକ୍ଷେପ ନିଆଯାଉଅଛି ?

----

### ଆଲୋଚନା ଚକ୍ର ଆୟୋଜନ

4525 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ବିଗତ ତିନି ବର୍ଷରେ ବଲାଙ୍ଗୀର ଜିଲ୍ଲାରେ କି କି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ଓ ଆଗାମୀ ଦିନରେ ଜିଲ୍ଲାରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଓଡ଼ିଆ ଭାଷା ଭିତ୍ତିକ ଆଲୋଚନା ଚକ୍ର ଆୟୋଜନ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

### ଦିବ୍ୟାଙ୍ଗଙ୍କୁ ଋଣ ପ୍ରଦାନ

4526 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ ବଲାଙ୍ଗୀର ଜିଲ୍ଲାର କେଉଁ ବ୍ଲକ ଓ ପୌର ସଂସ୍କାର କେଉଁ ଦିବ୍ୟାଙ୍ଗ ମାନଙ୍କୁ ବିଭିନ୍ନ ଆତ୍ମନିଯୁକ୍ତି ଯୋଜନାରେ ସ୍ୱାବଲମ୍ବନଶୀଳ ହେବାପାଇଁ କେତେ ଋଣ ଓ ସବ୍‌ସିଡ଼ି ପ୍ରଦାନ କରାଯାଇଛି ?

----

## ପୂଜ୍ୟପୂଜା ନୀତି ପ୍ରଣୟନ

4527 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଏକ ପୂଜ୍ୟପୂଜା ନୀତି ପ୍ରଣୟନ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆହ୍ୱାନ କରି ଏହି ବୈଠକ ଆଧାରରେ ରାଜ୍ୟରେ ପୂଜ୍ୟପୂଜା ବ୍ୟବସ୍ଥା ସୁସମ୍ପାଦନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ପ୍ରାଚୀନ କୀର୍ତ୍ତିରାଜୀର ସୁରକ୍ଷା

4528 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାର କେଉଁ ପ୍ରାଚୀନ କୀର୍ତ୍ତିରାଜୀ ସୁରକ୍ଷା ଓ ମରାମତି ପାଇଁ ବିଗତ ତିନି ବର୍ଷରେ କେତେ ଅର୍ଥ ବିନିମୟରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ହୋଇଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ପଦବୀ ପୂରଣ

4529 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଭୂତି କାନୁନଗୋ, ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଖଲିକୋଟ୍ ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଜୟପୁର ବିକ୍ରମଦେବ କାରୁକଳା ବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ କେଉଁ ପଦବୀରୁ କେତେ ପଦବୀ ଖାଲି ଅଛି ଏହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ପଠନ ଗୃହ ବ୍ୟବସ୍ଥା

4530 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାର କେଉଁ ମହାବିଦ୍ୟାଳୟ ପାଠାଗାରରେ କେତେ ପୁସ୍ତକ ଥିଲାବେଳେ ଏଠାରେ କେତେଜଣ ବିଦ୍ୟାର୍ଥୀଙ୍କ ବସିବା ପାଇଁ ପଠନ ଗୃହ ବ୍ୟବସ୍ଥା ଅଛି, ସମସ୍ତ ମହାବିଦ୍ୟାଳୟରେ ପଠନଗୃହ ସୁବ୍ୟବସ୍ଥିତ ନିମନ୍ତେ କି ପଦକ୍ଷେପ ନିଆଯାଉଅଛି ?

----

## ଆର୍ଥିକ ଅନୁଦାନ

4531 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାର କେଉଁ ମହାବିଦ୍ୟାଳୟର ଭିତ୍ତିଭୂମି ଉନ୍ନୟନ ପାଇଁ ବିଗତ ତିନି ବର୍ଷରେ କେତେ ଅର୍ଥ ଅନୁଦାନ ପ୍ରଦାନ କରାଯାଇଛି ?

----

## ମଞ୍ଚନାଟକ ବିକାଶ

4532 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ପ୍ରତ୍ୟେକ ଗ୍ରାମାଞ୍ଚଳରେ ମଞ୍ଚ ନାଟକର ବିକାଶ ପାଇଁ ନାଟ୍ୟ ପରିବେଷଣ କରୁଥିବା ଯୁବଗୋଷ୍ଠୀଙ୍କୁ ସହାୟତା ଯୋଗାଇ ଦେବାକୁ କି ପଦକ୍ଷେପ ନିଆଯାଉଅଛି ପ୍ରକାଶ କରି ଭଦ୍ରକ ଜିଲ୍ଲା ସହ ପ୍ରତ୍ୟେକ ଜିଲ୍ଲାର ବ୍ଲକ ସଦର ମହକୁମାରେ ନାଟ୍ୟ ମଣ୍ଡପ ନିର୍ମାଣ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## କଳାକାର ଭତ୍ତା ପ୍ରଦାନ

4533 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାରେ କେଉଁ ବ୍ଲକ ଓ ପୌର ସଂସ୍ଥାରେ କେତେଜଣ ମୁଖ୍ୟମନ୍ତ୍ରୀ କଳାକାର ଯୋଜନାରେ ଭତ୍ତା ପାଉଛନ୍ତି ଓ ଅଧିକ ସଂଖ୍ୟକ କଳାକାରଙ୍କୁ ସାମିଲ୍ ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

----

## ପରିବାର ନିର୍ଦ୍ଦେଶାଳୟ ଗଠନ ଉଦ୍ଦେଶ୍ୟ

4534 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଗଠନର ଉଦ୍ଦେଶ୍ୟ କ'ଣ ଓ ଏହା ମାଧ୍ୟମରେ କି କି କାର୍ଯ୍ୟକ୍ରମ ସମ୍ପାଦନ କରାଯାଉଛି, ଏହି ନିର୍ଦ୍ଦେଶାଳୟରେ କେଉଁମାନେ କେଉଁ ପଦବୀରେ ନିୟୋଜିତ ଅଛନ୍ତି, ଏହା ଗଠନ ହେବାଠାରୁ କେଉଁ କେଉଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରି ଓଡ଼ିଆ ପରିବାର ମାନଙ୍କୁ କି କି ସେବା ଯୋଗାଇ ଦେଉଛନ୍ତି ତାହାର ବିବରଣୀ ପ୍ରଦାନ ସହ ଏହାକୁ ସମ୍ପ୍ରସାରଣ କରିବାକୁ ସରକାର କି ପଦକ୍ଷେପ ନେଉଛନ୍ତି ?

----

## ଭିତ୍ତିଭୂମି ଉନ୍ନୟନ

4535 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ ଜଟଣୀ ମହାବିଦ୍ୟାଳୟର କେଉଁ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କେତେ ଅର୍ଥ ସହଯୋଗ କରିଛନ୍ତି ?

----

## ଖେଳ ପଡ଼ିଆରେ ଉନ୍ନତିକରଣ

4536 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଟଣୀ ନିର୍ବାଚନ ମଣ୍ଡଳୀରେ ଥିବା କେଉଁ ବିଦ୍ୟାଳୟ ଖେଳପଡ଼ିଆ ଉନ୍ନତିକରଣ ପାଇଁ ବିଗତ ତିନି ବର୍ଷରେ କେବେ ଅର୍ଥ ବିନିମୟରେ କେଉଁ କେଉଁ କାର୍ଯ୍ୟ ସମ୍ପାଦନ ହୋଇଛି ?

----

## କାର୍ଯ୍ୟକ୍ରମ ସମ୍ପାଦନ ନିମନ୍ତେ ସୁଯୋଗ ପ୍ରଦାନ

4537 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ ସିଟିଏମ୍ଏସ୍ ବ୍ୟବସ୍ଥା ପ୍ରଚଳନର ଉଦ୍ଦେଶ୍ୟ କ'ଣ,ଏହା ମାଧ୍ୟମରେ କେଉଁ କେଉଁ ନୃତ୍ୟ, ସଂଗୀତ, ଦଳ ପଞ୍ଜିକୃତ ହୋଇଛନ୍ତି ଓ ଏହା ମାଧ୍ୟମରେ ଅଦ୍ୟାବଧି କେଉଁ କେଉଁ ସାଂସ୍କୃତିକ ଦଳକୁ କେତେଗୋଟି କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ସୁଯୋଗ ଦିଆଯାଇ କେତେ ଅର୍ଥ ପ୍ରଦାନ କରାଯାଇଛି, ପଞ୍ଜିକୃତ କେଉଁ ଦଳକୁ ଗୋଟିଏ ବି ସୁଯୋଗ ପ୍ରଦାନ କରାଯାଇନାହିଁ, ପ୍ରକାଶ କରି ଘୂର୍ଣ୍ଣୀୟମାନ ବ୍ୟବସ୍ଥାରେ ସମସ୍ତ ଦଳକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ସୁଯୋଗ ଦେବାର ବ୍ୟବସ୍ଥା ଥିଲାବେଳେ ଏଥରେ ଥିବା ତ୍ରୁଟି ବିଚ୍ୟୁତିକୁ ସଂଶୋଧନ କରି ସମସ୍ତ ଦଳକୁ କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ସୁଯୋଗ ଦେବାକୁ ସରକାର ବ୍ୟବସ୍ଥା କରିବେ କି ?

----

## ପାଇକ ଆଖଡ଼ା ପାଇଁ ଅନୁଦାନ

4538 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ କେଉଁଠାରେ ପାଇକ ଆଖଡ଼ା ପ୍ରତିଷ୍ଠାନ ଖୋଲାଯାଇଛି,ଏହି ଅନୁଷ୍ଠାନ ମାନଙ୍କୁ ବିଗତ ତିନି ବର୍ଷରେ କେତେ ସରକାରୀ ଅନୁଦାନ ପ୍ରଦାନ କରାଯାଇଛି ?

----

## ପାରିଶ୍ରମିକ ପ୍ରଦାନ

4539 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଇଁ କେଉଁ କେଉଁ ନୃତ୍ୟ ଓ ସଂଗୀତ ଦଳକୁ କେଉଁ କେଉଁ ଦିବସରେ ନିୟୋଜନ କରାଯାଇଥିଲା, ସେମାନେ ଗୋଟିଏ କାର୍ଯ୍ୟକ୍ରମ ସମ୍ପାଦନ ପାଇଁ କେତେ ଟଙ୍କା ପ୍ରାପ୍ୟ ବାବଦରେ ସର୍ବମୋଟ୍ କେତେ ପ୍ରାପ୍ୟ ନେଇଛନ୍ତି, କେଉଁମାନଙ୍କୁ କେଉଁ କାର୍ଯ୍ୟକ୍ରମ ନିମିତ୍ତ ଆଙ୍କରିଙ୍ଗ୍ କରିବାକୁ କାହାଦ୍ୱାରା ମନୋନୟନ କରାଯାଇ କାର୍ଯ୍ୟକ୍ରମ ସମ୍ପାଦନ ବାବଦରେ କେତେ ପାରିଶ୍ରମିକ ପ୍ରଦାନ କରାଯାଇଛି ?

----

## ପାଠାଗାର ପାଇଁ ସହଯୋଗ

4540 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ ରାଜା ରାମ ମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ୍ ମାଧ୍ୟମରେ ବଲାଙ୍ଗୀର ଜିଲ୍ଲାର କେଉଁ ପାଠାଗାର ପାଇଁ କେତେ ପୁସ୍ତକ ଓ ଆନୁସଙ୍ଗିକ ସହଯୋଗ ପ୍ରଦାନ କରାଯାଇଛି ?

----

## ଅନୁଦାନ ପ୍ରଦାନ

4541 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଙ୍ଗୋମୁଣ୍ଡା, ମୁରିବାହାଲ ଓ ତୁରେଇକେଲା ବ୍ଲକରେ ଥିବା କେଉଁ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟକୁ ବିଗତ ତିନି ବର୍ଷରେ କେଉଁ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କେତେ ଅନୁଦାନ ଯୋଗାଇ ଦେଇଛନ୍ତି ?

----

## ଲଉଡ଼ି ନୃତ୍ୟ ପାଇଁ ପ୍ରଶିକ୍ଷଣ

4542 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟର ପଶ୍ଚିମାଞ୍ଚଳରେ କେଉଁ କେଉଁ ଲୋକକଳା ବିଲୁପ୍ତ ହୋଇଛି ଏବଂ ଏହି ବିଲୁପ୍ତ ଲୋକକଳାକୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ତରଫରୁ ପୁନରୁଦ୍ଧାର ପାଇଁ କି ପଦକ୍ଷେପ ନିଆଯାଉଅଛି ? ଏବଂ (ଖ) ରାଜ୍ୟରେ ଲଉଡ଼ି ନୃତ୍ୟ, ବନାବାଡ଼ି ଓ ଘୁମୁରା ପ୍ରଶିକ୍ଷଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ପ୍ରାଚୀନ ଲୋକ କଳାର ପ୍ରଦର୍ଶନ

4543 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶା ସଂଗୀତ ନାଟକ ଏକାଡେମୀ ତରଫରୁ ବିଗତ ତିନି ବର୍ଷରେ କେଉଁ ଜିଲ୍ଲାର କେଉଁଠାରେ କେତେଗୋଟି କାର୍ଯ୍ୟକ୍ରମ ଆୟୋଜନ କରାଯାଇ ମଞ୍ଚସଜ୍ଜା, ଆଲୋକୀକରଣ ଓ କେଉଁ କେଉଁ ନୃତ୍ୟ ଓ ସଂଗୀତ କଳାକାରଙ୍କୁ ପାରିଶ୍ରମିକ ବାବଦରେ କେତେ ଅର୍ଥ ପ୍ରଦାନ କରାଯାଇଛି, ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କେଉଁ ପ୍ରାଚୀନ ଓ ବିଲୁପ୍ତ ହେବାକୁ ଯାଉଥିବା ଲୋକକଳା ପ୍ରଦର୍ଶନ କରାଯାଇ କଳାକାରଙ୍କୁ କେତେ ପାରିଶ୍ରମିକ ପ୍ରଦାନ କରାଯାଇଛି, ତାହାର ବିବରଣୀ ଦର୍ଶାଇ ଏହି କାର୍ଯ୍ୟକ୍ରମରେ ବନାବାଡ଼ି, ଘୁମୁରା ଓ ଲଉଡ଼ି ଖେଳ ପ୍ରଦର୍ଶନ ନ କରିବାର କାରଣ କ'ଣ ପ୍ରକାଶ କରି ଆଗାମୀ ଦିନରେ ପ୍ରାଚୀନ ଲୋକକଳା ପ୍ରଦର୍ଶନ ବାଧ୍ୟତାମୂଳକ କରିବେ କି ?

----

## ମୁଦ୍ରଣ ଶିଳ୍ପ ପ୍ରତିଷ୍ଠା ପାଇଁ ଋଣ

4544 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## କଳାକାର ସଂସ୍ଥାକୁ ସୁଯୋଗ ପ୍ରଦାନ

4545 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସିଟିଏମ୍ଏସ୍ ମାଧ୍ୟମରେ ପଞ୍ଜିକୃତ ସମସ୍ତ କଳାକାର ସଂସ୍ଥାକୁ ସମାନୁପାତିକ କାର୍ଯ୍ୟକ୍ରମ ସମ୍ପାଦନ ନିମନ୍ତେ ସୁଯୋଗ ଦେବାକୁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷପ ନିଆଯାଉଅଛି ?

----

## ଶ୍ରମିକଙ୍କୁ ପ୍ରାପ୍ୟ ପ୍ରଦାନ

4546 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚୌଦ୍ୱାରଠାରେ ଥିବା ଲିବ୍ରା କାରପେଟ୍ କେବେଠାରୁ ବନ୍ଦ ଅଛି ଓ ଏହାକୁ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ନିଆଯାଉଛି ଏବଂ ଏଠାରେ ଶ୍ରମିକଙ୍କ କେତେ ପ୍ରାପ୍ୟ ବକେୟା ଅଛି, ଏହାକୁ ପ୍ରଦାନ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଇଣ୍ଡୋର ଷ୍ଟାଡ଼ିୟମ ନିର୍ମାଣ

4547 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ପ୍ରତ୍ୟେକ ସହରରେ ଇଣ୍ଡୋର ଷ୍ଟାଡିୟମ୍ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ

4548 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭୁବନାନନ୍ଦ ସ୍କୁଲ ଅଫ୍ ଇଂଜିନିୟରିଂ, କଟକ-ଚୌଦ୍ୱାର ଆଇ.ଟି.ଆଇ ଚୌଦ୍ୱାର ଆଇ.ଟି.ଟି, ବିଗତ ତିନି ବର୍ଷରେ କେତେ ଅର୍ଥ ବିନିମୟରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ହୋଇଛି ?

----

## NIRF ରାଙ୍କିରେ ଓଡ଼ିଶାର ସ୍ଥିତି

4549 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) NIRF ରାଙ୍କିରେ ଓଡ଼ିଶାର କେଉଁ କେଉଁ ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନ ୨୦୧୯-୨୦ ଠାରୁ ୨୦୨୪ ମଧ୍ୟରେ ପ୍ରଥମ ୧୦୦ଟି ଅନୁଷ୍ଠାନ ମଧ୍ୟରେ ସ୍ଥାନିତ ହୋଇଛନ୍ତି କହିବେ କି; (ଖ) NIRF ରାଙ୍କିରେ ଓଡ଼ିଶାର ଶିକ୍ଷାନୁଷ୍ଠାନ ମାନଙ୍କର ସନ୍ତୋଷଜନକ ପ୍ରଦର୍ଶନ ସମ୍ପର୍କରେ ସରକାର କୌଣସି ସମୀକ୍ଷା କରିଛନ୍ତି କି; ଯଦି ହଁ ତେବେ ତାର ତାର ନିର୍ଯାସ କଣ ?

----

## +2 ଏବଂ +3 ମହାବିଦ୍ୟାଳୟର ପୃଥକୀ କରଣ

4550 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ସମୁଦାୟ କେତେ ଗୋଟି +2 ଓ +3 ମହା ବିଦ୍ୟାଳୟ ଗୋଟିଏ ପରିସରରେ ଚାଲୁଅଛି ତାର ଏକ ଜିଲ୍ଲାୱାରୀ ତାଲିକା ଦେବେ କି; (ଖ) ଚଳିତ ବର୍ଷ ଏହି +2 ଏବଂ +3 ମହାବିଦ୍ୟାଳୟ ଗୁଡ଼ିକର ପୃଥକୀ କରଣ କରିବାକୁ ସିଦ୍ଧାନ୍ତ କରିଛନ୍ତି ?

----

## Issue of caste certificate

4551 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Whether there is any booklet compilation of circulars issued on different dates regarding issue of caste certificates to the people belonging to SC, ST & SEBC & OBC; if yes, the copy there of & if no, will the govt. prepare such booklet on priority ?

----

## ବେସରକାରୀ ମହାବିଦ୍ୟାଳୟକୁ ସରକାରୀ କରିବା ଯୋଜନା

4552 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ସରକାର କେତେକ +୩ ଏବଂ ବିଶେଷକରି ସ୍ୱୟଂଶାସିତ ବେସରକାରୀ ମହାବିଦ୍ୟାଳୟମାନଙ୍କୁ ସରକାରୀ କରିବାକୁ ଯୋଜନା କରୁଛନ୍ତି କି; ଯଦି ହଁ ତେବେ ଏହି ନିଷ୍ପତ୍ତି କେବେ କାର୍ଯ୍ୟକାରୀ କରାଯିବ ?

----

## ସଂଖ୍ୟାଲଘୁ ସମ୍ପ୍ରଦାୟ କଲ୍ୟାଣ ନିମନ୍ତେ ପଦକ୍ଷେପ

4553 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟ ସରକାର ସଂଖ୍ୟାଲଘୁ ସମ୍ପ୍ରଦାୟର କଲ୍ୟାଣ ନିମନ୍ତେ କି କି ପଦକ୍ଷେପମାନ ଗ୍ରହଣ କରିଛନ୍ତି କହିବେ କି; (ଖ) ରାଜ୍ୟର ସମୁଦାୟ କେତେ ସଂଖ୍ୟକ କେଉଁ କେଉଁ ସମ୍ପ୍ରଦାୟର ସଖ୍ୟାଲଘୁ ଅଛନ୍ତି ତାର ଏକ ଜିଲ୍ଲାୱାରି ବିବରଣୀ ଦେବେ କି ?

----

## ସ୍ମୃତିପୀଠ ନିର୍ମାଣ

**4554 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମୁଣତୁଣିଆ ଠାରେ (MUNTUNIA) ଠାରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଜନ୍ମପୀଠ (କବିଡ଼ିହ)ରେ ସ୍ମୃତପୀଠ ନିର୍ମାଣ ସକାଶେ ଜିଲ୍ଲାପାଳ, ବାଲେଶ୍ୱର ନିର୍ମାଣ ବିଭାଗର ଡ଼ିଭିଜନ-୨ SEଙ୍କୁ ଅର୍ଥ ଦାଖଲ ଥାଇ ନିର୍ମାଣ ସକାଶେ ପରବର୍ତ୍ତୀ ପଦକ୍ଷେପ କଣ ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

## କାରଖାନାର ପୁନଃ ଉଦ୍ଧାର

**4555 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସରକାରୀ ଓ ଘରୋଇ ପରିଚାଳିତ କେଉଁ ଜିଲ୍ଲା, କେଉଁଠାରେ ଶିଳ୍ପାୟନ ଅବସ୍ଥାରେ ଥାଇ କେବେଠାରୁ କାରଖାନା ଗୁଡ଼ିକ ବନ୍ଦ ହୋଇଯାଇଛି ଏହାର କାରଣ କଣ; ଏସବୁ କାରଖାନା ଗୁଡ଼ିକୁ ପୁନଃରୁଦ୍ଧାର କରିବାକୁ ସରକାରୀ/ବେସରକାରୀ ସ୍ତରରେ ସରକାରଙ୍କ ଦ୍ୱାରା କଣ ପଦକ୍ଷେପ ନିଆଯିବ ?

----

## ନୂତନ ଗୃହ ନିର୍ମାଣ

**4556 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳେଶ୍ୱର ବ୍ଲକ ଅନ୍ତର୍ଗତ କବାଟଘାଟୀ ସରକାରୀ ଉଚ୍ଚ ବିଦ୍ୟାଳୟରେ (KABATA GHATI GOVT. HIGH SCHOOL) କେତେ ପରିମାଣ ଅନୁଦାନରେ କେଉଁ ଉଦ୍ଦେଶ୍ୟରେ ଗୃହ ନିର୍ମାଣ ବର୍ତ୍ତମାନ ଚାଲୁରହିଛି, ତାହା ପୂର୍ଣ୍ଣାଙ୍ଗ କେବେ ହେବ, ଆଉ କେଉଁଥି ପାଇଁ ନୂତନ ଗୃହ ନିର୍ମାଣ ଆବଶ୍ୟକ ତାହା ବିଭାଗୀୟ ଅଧିକାରୀ ସରକାରଙ୍କୁ ଅବଗତ କରାଇଛନ୍ତି କି; ଉତ୍ତର ହଁ ହେଲେ ତାହା କଣ ଏବଂ ସରକାର ଏଥିଲାଗି କଣ ପଦକ୍ଷେପ ଗ୍ରହଣ କରିବେ ?

----

## Mini stadium ନିର୍ମାଣ

**4557 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-:- ବାଲେଶ୍ୱର ଜିଲ୍ଲା କେଉଁ ବ୍ଲକରେ ସରକାରଙ୍କ ନୀତି ଅନୁଯାୟୀ ମିନିଷ୍ଟାଡ଼ିୟମ (Mini stadium) ନିର୍ମାଣ ସମାପ୍ତ ହୋଇ ପଡ଼ିଆ କ୍ରୀଡ଼ା ଅଭ୍ୟାସ ପାଇଁ ବ୍ୟବହୃତ ହେଉଛି ଓ କେଉଁଠି ହେଉନାହିଁ ତଥା ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ଅଛି ଏହାର ସବିଶେଷ ତଥ୍ୟ ସରକାର ଉପସ୍ଥାପନ କରିବେ କି; କେଉଁଠାରେ ଆଦୌ ନିର୍ମାଣ ଆରମ୍ଭ ହୋଇନଥିବା କାରଣ କଣ ଏଥିଲାଗି କଣ ପଦକ୍ଷେପ ନିଆଯିବ ?

----

## ଖେଳାଳୀଙ୍କୁ ପ୍ରୋତ୍ସାହନ

**4558 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-:- ରାଜ୍ୟରୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ତଥା ପ୍ୟାରୀସ ଅଲମ୍ପିକ୍ସରେ କେତେଜଣ ଖେଳାଳୀ ଅଂଶ ଗ୍ରହଣ କରିଛନ୍ତି ସେମାନେ କିଏ, ନୂଆକରି କାଳୀ ମନୋନୟନ କରିବାକୁ ସରକାରଙ୍କ ପଦକ୍ଷେପ ଓ ପ୍ରୋତ୍ସାହନ କଣ ରହିବ ?

----

## B.Ed course ପ୍ରଦାନ

**4559 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-:- ଆମ ରାଜ୍ୟରୁ ପ୍ରତିବର୍ଷ ବାହାର ରାଜ୍ୟ ମାନଙ୍କୁ B.Ed. course ପାଇଁ ଦୂରନିରନ୍ତର ଶିକ୍ଷା ପଦ୍ଧତିରେ ଅଦ୍ୟାବଧି କେତେ ସଂଖ୍ୟକ ଛାତ୍ରଛାତ୍ରୀ ଉତ୍ତିର୍ଣ୍ଣ ହୋଇଛନ୍ତି, ତାର ସୁବିବରଣୀ ତଥ୍ୟ ଉପସ୍ଥାପନ କରିବେ କି; ଚଳିତ ବର୍ଷ କେତେ ଛାତ୍ର ଛାତ୍ରୀ ବାହାର ରାଜ୍ୟରେ ପରିକ୍ଷା ଦେଉଛନ୍ତି ଜଣାଇବେ କି; ଉକ୍ତ ଦୂରନିରନ୍ତର ଶିକ୍ଷା ମାଧ୍ୟମରେ ପ୍ରମାଣ ପତ୍ର ଗ୍ରହଣ କରୁଥିବା ଛାତ୍ରଛାତ୍ରୀ ମାନେ ନିଯୁକ୍ତି ପାଇବା ପରେ ଉତ୍କର୍ଶ ଶିକ୍ଷା ପ୍ରଦାନରେ ବ୍ୟାଘାତ ହେଉନାହିଁ କି, ଯଦି ହଁ ତେବେ ସରକାର ଆମ ରାଜ୍ୟରେ ଉପରୋକ୍ତ ପ୍ରକ୍ରିୟାରେ ରାଜ୍ୟ ଶିକ୍ଷାନିତି ଅନୁଶାରେ ପଶିକ୍ଷଣ ନେବା ପାଇଁ ସମସ୍ତ ମହାବିଦ୍ୟାଳୟମାନଙ୍କୁ B.Ed. course ପ୍ରଦାନ ନିମନ୍ତେ ଅନୁମତି ପ୍ରଦାନ କରିବାର ବ୍ୟବସ୍ଥା କରିବେ କି ?

----

## ଅଧ୍ୟାପକ ନିଯୁକ୍ତି

**4560 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-:- ଓଡିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ଅଧିନିୟମ-2020 ଅନୁଯାଇ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହେଉଥିବାବେଳେ ହଠାତ୍ କେଉଁ କାରଣରୁ ନିଯୁକ୍ତି ବନ୍ଦ କରି ଦିଆଗଲା ଜଣାଇବେ କି, ଏହାଦ୍ୱାରା ବର୍ତ୍ତମାନ ବିଶ୍ୱ ବିଦ୍ୟାଳୟମାନଙ୍କରେ ଶିକ୍ଷା ପ୍ରଦାନର ମାନ ଓ ବିଶ୍ୱ ବିଦ୍ୟାଳୟମାନଙ୍କର ମାନର ଜତୀୟ ସ୍ତରରେ ହ୍ରାସ ଘଟିବାରେ ଲାଗିଛି ସରକାର ଏହା ଉପରେ ଅବଗତ ଅଚନ୍ତି କି, ଯଦି ହଁ ତେବେ ଅଧ୍ୟାପକ ନିଯୁକ୍ତି ନିମନ୍ତେ ସରକାର ଅଦ୍ୟାବଧି କି କି ପଦକ୍ଷେପ ନେଇଛନ୍ତି ଜଣାଇବେ କି ଏବଂ କେବେସୁଦ୍ଧା ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯିବ ?

----

## Battery ଚାଳିତ Wheel Chair ଯୋଗାଣ

**4561** **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଅସ୍ଥି ଶଲ୍ୟ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ବିଦ୍ୟୁତ୍ ଚାଳିତ tricycle ଏବଂ battery ଚାଳିତ Wheel Chair ଦେବାର ବ୍ୟବସ୍ଥା କରିବେ କି ?

----

## ଜମି ପ୍ରଦାନ

**4562** **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ସରକାରୀ ତଥା ସରକାରୀ ସ୍ୱିକୃତିପ୍ରାପ୍ତ ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନମାନଙ୍କର ଜିଲ୍ଲାୱାରୀ ଏକ ବିବରଣୀ ଉପସ୍ଥାପନ କରିବେ କି ଏବଂ ସରକାରୀ ସ୍ୱିକୃତିପ୍ରାପ୍ତ ଅନୁଷ୍ଠାନମାନଙ୍କୁ ବିନା ମୂଲ୍ୟରେ ଜମି ପ୍ରଦାନ କରାଯିବାର ବ୍ୟବସ୍ଥା କରିବେ କି ?

----

## B.Ed Course ଖୋଲିବାକୁ ବ୍ୟବସ୍ଥା

**4563** **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ଚଳିତ ବର୍ଷ ଆନ୍ଧ୍ର ପ୍ରଦେଶକୁ ଆମ ରାଜ୍ୟରୁ କେତେ ଛାତ୍ରଛାତ୍ରୀ B.Ed. Course ନିମନ୍ତେ ପରୀକ୍ଷା ଦେବା ପାଇଁ ଯାଇଛନ୍ତି, ଉକ୍ତ course ନିମନ୍ତେ କେତେ ଟଙ୍କା ଜମା କରୁଛନ୍ତି, ରାଜ୍ୟ ସରକାରଙ୍କ ନିକଟରେ ଏହାର ତଥ୍ୟ ଅଛି କି, ତାହା ଜଣାଇବେ କି, ବର୍ତ୍ତମାନ ବହୁ ଗରିବ ଛାତ୍ରଛାତ୍ରୀ ପରୀକ୍ଷା ଦେବାରୁ ବଞ୍ଚିତ ହୋଇ ସେଠାରେ ହଇରାଣ ହେବାର ଖବର ମିଳୁଛି ଏହା ସତ୍ୟ କି, ଏହା ଉପରେ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ଜଣାଇବେ କି, ଆଗାମି ଦିନରେ ସରକାର ଉପରୋକ୍ତ ପ୍ରକ୍ରିୟା ଅବଲମ୍ବନ କରି ନିଜସ୍ୱ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟଦ୍ୱାରା B.Ed. Course ପ୍ରଦାନ କରାଯିବାର ବ୍ୟବସ୍ଥା କରିବେ କି ?

----

## Promote rich cultural heritage

**4564** **Shri Sagar Charan Das (Bhawanipatna):**

Will the Minister for **ST & SC Development, Minorities & Backward Classes Welfare** be pleased to state that:-:- What steps have been taken to promote and preserve the rich cultural heritage of the tribal communities in the KBK region?

----

## Vocational training programme

**4565 Shri Sagar Charan Das (Bhawanipatna):**

Will the Minister for **Social Security & Empowerment of Persons with Disabilities** be pleased to state that:-:- What vocational training programs are available for persons with disabilities in the KBK region and how many have successfully gained employment through these programs in the last 5 years?

----

## Financial Assistance Scheme for SC/ST student

**4566 Shri Sagar Charan Das (Bhawanipatna):**

Will the Minister for **ST & SC Development, Minorities & Backward Classes Welfare** be pleased to state that:-:- What is the current status of implementation of the special financial assistance scheme for SC/ST students in the KBK region, particularly in higher education?

----

## Drop out rate in government run ITIs

**4567 Shri Sagar Charan Das (Bhawanipatna):**

Will the Minister for **Skill Development & Technical Education** be pleased to state that:-:- What are the current enrolment and dropout rates in government run ITIs (Industrial Training Institutes) in the KBK region, and what measures have been taken to improve retention in the past five years ?

----

## Establishment of training Centre

**4568 Shri Sagar Charan Das (Bhawanipatna):**

Will the Minister for **Sports & Youth Services** be pleased to state that:-:- How many youth skill development and sports training centers have been established in the KBK region in the past five years, and what is their current capacity?

----

## ଶିଳ୍ପ ପାଇଁ ଜମି

**4569 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ବହୁତ ପୁଞ୍ଜିପତି ଶିଳ୍ପ କାରଖାନା କରିବା ପାଇଁ ସରକାରଙ୍କ ସହ ଚୁକ୍ତି କରୁଛନ୍ତି ଓ ପରେ ଆବଶ୍ୟକ ଜମି ପାଇ ମଧ୍ୟ ବର୍ଷ ବର୍ଷ ଧରି industry ନ କରି ପଳାଇଯାଉଛନ୍ତି ସତ୍ୟତା ଅଛି କି, ଯଦି ହଁ ତେବେ ସେହିଭଳି ଶିଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତିନାମା cancel କରି ଜମି ଫେରାଇ ଆଣିବେ କି ?

----

## ହକିକୁ ଗୁରୁତ୍ୱ ପ୍ରଦାନ

**4570 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ)ː**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ସରକାର ହକି ଖେଳକୁ ଯେତିକି ପରିମାଣରେ ଗୁରୁତ୍ୱ ନେଉଛନ୍ତି ସେତିକି ଗୁରୁତ୍ୱ ବିଭିନ୍ନ ପ୍ରକାର Athelatic (ଆଥଲେଟିକ୍ସ) ସେତିକି ଗୁରୁତ୍ୱ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରି ଆଗାମୀ ଦିନରେ ବିଶ୍ୱ ଅଲିମ୍ପିକ୍ସରେ ଓଡିଶାର ସ୍ଥାନ ଓ ସମ୍ମାନ ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବେ କି, ସେହିପରି ଆଥଲେଟିକ୍ସରେ ସମ୍ପୃକ୍ତ କେଉଁ କେଉଁ ଖେଳ ପାଇଁ Coach ଦିଆଯାଉଛି ?

----

## ଟ୍ରେନିଂ ପ୍ରଦାନ

**4571 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ)ː**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଡାବୁଗାଁ ନିର୍ବାଚନ ମଣ୍ଡଳୀରେ କେତେ ଯୁବକ ଯୁବତୀମାନଙ୍କୁ କେତୋଟି ଟ୍ରେଡରେ ଟ୍ରେନିଂ ଦିଆଯାଇଛି ଓ ପରେ ପରେ କାହାର କଣ ଲାଭ ହୋଇଛି ?

----

## ଓଡିଆ ପାଠ୍ୟକ୍ରମ ବାଧ୍ୟତାମୂଳକ କରିବାକୁ ପଦକ୍ଷେପ

**4572 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ)ː**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ସବୁ ଘରୋଇ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟମାନଙ୍କରେ ଓଡିଆ ଭାଷା ପ୍ରତି ସ୍ୱୀକୃତି ଦେବା ସହ ପ୍ରତି ପିଲାଙ୍କ ପାଇଁ ଗୋଟିଏ ଲେଖାଏଁ Class ଓଡିଆ ପାଠ ପଢାଇବାକୁ ବାଧ୍ୟତାମୂଳକ କରିବେ କି ?

----

## ଆଦିବାସୀ ସମନ୍ୱିତ ଉନ୍ନୟନ ସଂସ୍ଥାର କାର୍ଯ୍ୟ

**4573 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ)ː**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ବିଷମ କଟକ ନିର୍ବାଚନ ମଣ୍ଡଳୀରେ ଚାରୋଟି ବ୍ଲକରେ ଆଦିବାସୀ ସମନ୍ୱୀତ ଉନ୍ନୟନ ସଂସ୍ଥା ଅଧୀନରେ ଗତ 5 ବର୍ଷରେ କେଉଁ କେଉଁ ବ୍ଲକରେ କେଉଁ କେଉଁ ଗ୍ରାମରେ କଣ କଣ କାର୍ଯ୍ୟ କରାଯାଇଛି ଏବଂ କେତେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନାହିଁ, ଏହି ସବୁ କାର୍ଯ୍ୟର ବ୍ଲକ ଏବଂ ଗ୍ରାମ ୱାରି ସବିଶେଷ ବିବରଣୀ ଯୋଗାଇ ଦେବେ କି ?

----

## ଖେଳ ପଡିଆ ନିର୍ମାଣ

4574 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଷମ କଟକ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକରେ କେତୋଟି ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନ ରହିଅଛି, ତା ନାମ ସହ ଦର୍ଶାଇବେ କି, ଗୋଟିଏ ସ୍କୁଲ ପିଛା ଖେଳ ପଡିଆ ନିମନ୍ତେ କେତେ ପରିମାଣ ଜାଗାର ଆବଶ୍ୟକତା ରହିଥାଏ ଓ କେଉଁ କେଉଁ ସ୍କୁଲରେ ଖେଳ ପଡିଆ ନିମନ୍ତେ କେତେ ଆବଶ୍ୟକ ଜାଗା ରହିଛି, ଯଦି ନାହିଁ କେବେ ସୁଦ୍ଧା ଖେଳ ପଡିଆ ନିମନ୍ତେ ଆବଶ୍ୟକ ଜାଗା ଉକ୍ତ ସ୍କୁଲ ଗୁଡିକରେ ବ୍ୟବସ୍ଥା କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ କି ଏବଂ କେଉଁ କେଉଁ ସ୍କୁଲର ଖେଳ ପଡିଆ ଏବଂ ଖେଳ ଉପକରଣ ନିମନ୍ତେ କେତେ ଟଙ୍କା ଖର୍ଚ୍ଚ ହୋଇଛି ?

----

## ନୂତନ ଶିକ୍ଷାଞ୍ଚଳ ପ୍ରତିଷ୍ଠା

4575 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାୟଗଡ଼ା ଜିଲ୍ଲାରେ କେଉଁ ଠାରେ ନୂତନ ଶିକ୍ଷାଞ୍ଚଳ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି, ଏହାର କାର୍ଯ୍ୟକାରୀତା ପାଇଁ କଣ ପଦକ୍ଷେପ ନିଆଯାଉଛି ?

----

## ହଷ୍ଟେଲ ନିର୍ମାଣ ପାଇଁ ପଦକ୍ଷେପ

4576 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଷମ କଟକ ନିର୍ବାଚନ ମଣ୍ଡଳୀରେ କେତୋଟି ଆଦିବାସୀ ସ୍କୁଲ ଓ କେତୋଟି ଆବାସିକ ହଷ୍ଟେଲ କେଉଁ କେଉଁ ପଞ୍ଚାୟତରେ ଅଛି ? ଉଭୟ ବାଳକ ଓ ବାଳିକା ସ୍କୁଲ ସହ ବାଳକ ହଷ୍ଟେଲ ଓ ବାଳିକା ହଷ୍ଟେଲ ର ସିଟ୍ ସଂଖ୍ୟା ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବେ କି ?

----

## ପୁଷ୍କରିଣୀକୁ ପୋତିବା ପାଇଁ ପଦକ୍ଷେପ

4577 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ନୟାଗଡ ଜିଲ୍ଲା ଖଣ୍ଡପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଅବସ୍ଥିତ ଚନ୍ଦ୍ରଶେଖର ଆବାସିକ ସେବାଶ୍ରମ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ପରିତ୍ୟକ୍ତ ପୁଷ୍କରିଣୀଟି ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ଛାତ୍ର/ଛାତ୍ରୀମାନଙ୍କ ପାଇଁ ବିପଦ ସୃଷ୍ଟି କରୁଥିବାରୁ ଏହି ପୁଷ୍କରିଣୀଟିକୁ ପୋତି ଏହାକୁ ଏକ ଖେଳ ପଡିଆରେ ପରିଣତ କରିବା ପାଇଁ ଅବିଭାବକ ଏବଂ ଜନସାଧାରଣ ଦାବି କରିଆସୁଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଯଦି ଉତ୍ତର ହଁ ହୁଏ ତେବେ ବିଦ୍ୟାର୍ଥୀମାନଙ୍କର ସୁରକ୍ଷା ଦୃଷ୍ଟିରୁ ଏହି ପରିତ୍ୟକ୍ତ ପୁଷ୍କରିଣୀକୁ ପୋତାଯିବା ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

**Grant-in-Aid ପ୍ରଦାନ**

4578 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ଏକମାତ୍ର ଗଢି ଉଠିଥିବା +2 ଜୁନିୟର ଖଣ୍ଡପଡା ମହିଳା ମହାବିଦ୍ୟାଳୟ ଉନ୍ନତ୍ତି ବିଧାନ ନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ଯେଉଂ ଶିକ୍ଷକ ଏବଂ ଅଣ ଶିକ୍ଷକ କର୍ମଚାରୀମାନେ ଏଯାବତ୍ Grant-in-Aid ପାଇନାହାଁନ୍ତି ସେମାନଙ୍କୁ ସରକାରୀ ଅନୁଦାନ ଦେବା ପାଇଁ ବ୍ୟବସ୍ଥା କରିବେ କି ?

----

**Grant-in-Aid ପ୍ରଦାନ**

4579 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ମଧ୍ୟରେ ଏକମାତ୍ର ଏବଂ ସମଗ୍ର ନୟାଗଡ ଜିଲ୍ଲାରେ ଦ୍ୱିତୀୟ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଭାବେ ଅବସ୍ଥାପିତ ଖଣ୍ଡପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ସ୍ଥାପିତ +3 ଖଣ୍ଡପଡା ଡିଗ୍ରୀ ମହିଳା ମହାବିଦ୍ୟାଳୟ ଉନ୍ନତି ବିଧାନ ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ Grant-in-Aid ପାଉନଥିବା ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ପାଉଣା ପାଉଥିବା ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କୁ ବ୍ଲକ ଗ୍ରାଣ୍ଟଇନ କରି ଦେବା ପାଇଁ ବ୍ୟବସ୍ଥା କରିବେ କି ?

----

**ଯୁକ୍ତ ୨ ଶ୍ରେଣୀ ଖୋଲିବାକୁ ପଦକ୍ଷେପ**

4580 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ଚାନ୍ଦୁଆ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ କରାଯାଇ ଯୁକ୍ତ ୨ ଶ୍ରେଣୀ ଖୋଲିବାକୁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଛି ?

----

**ଅଧ୍ୟକ୍ଷ ଏବଂ ସଭ୍ୟଙ୍କର ଭତ୍ତା**

4581 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଗଠନ ହୋଇଥିବା କି ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ର ଅଧ୍ୟକ୍ଷ ର ସଭ୍ୟସଭ୍ୟ ମାନଙ୍କୁ କେତେ ଅର୍ଥ ଭତ୍ତା ଦିଆଯାଇଛି ଏବଂ କେଉଁ ଯୋଗ୍ୟତା ଆଧାରରେ ଅଧକ୍ଷ ଓ ସଭ୍ୟମାନଙ୍କୁ ନିଯୁକ୍ତି ମିଳିଥିଲା ?

----

## ଶିକ୍ଷକ ପଦବୀ ପୂରଣ

4582 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର କେତେ ଶିକ୍ଷକ ପଦବୀ ଖାଲିଅଛି ଏହା ସ୍କୁଲୱାରୀ ଏବଂ ବିଭାଗବାରୀ ତାଲିକା ପ୍ରଦାନ କରିବେ କି ; ଏହି ସବୁ ସ୍କୁଲର ଆବଶ୍ୟକୀୟ ଶିକ୍ଷକ ଓ ପ୍ରଧାନଶିକ୍ଷକ ପଦବୀ ପୂରଣ ନିମନ୍ତେ ପଦକ୍ଷେପ ନେବେ କି ?

----

## ପଦବୀ ପୂରଣ ପାଇଁ ପଦକ୍ଷେପ

4583 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଥିବା ସରକାରୀ ବିଶ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ କେଉଁ କେଉଁ ବିଭାଗରେ କେବେ ଠାରୁ କେତେ ଅଧ୍ୟାପକ ପଦବୀ ଖାଲିଅଛି ତାହାର ଏକ ପୂର୍ଣ୍ଣାଙ୍ଗ ତାଲିକା ଜଣାଇବେକି, ଉକ୍ତ ପଦବୀ ଗୁଡିକୁ ସରକାର କେବେ ସୁଦ୍ଧା ପୂରଣ କରିବେ ତାହା ଯଣାଇବେ କି ?

----

## ପଦବୀ ପୂରଣ

4584 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସମସ୍ତ ସରକାରୀ, ଓ ଆଡେଡ ହାସ୍କୁଲ ଗୁଡିକରରେ ପିଅନ ବା ଆଟେଣ୍ଡାଣ୍ଟ ପଦ କେତେ ସଂଖ୍ୟା ଖାଲି ପଡ଼ିଛି ତନ୍ମଧ୍ୟରୁ ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀର ଉକ୍ତ ପଦବୀ ଗୁଡିକ କେଉଁ କେଉଁ ସ୍କୁଲ ମାନଙ୍କରେ ଖାଲି ପଡିଛି, କେବେ ସୁଦ୍ଧା ପଦବୀ ଗୁଡିକ ପୂରଣ କରିବେ ?

----

## ଭିନ୍ନକ୍ଷମମାନଙ୍କୁ ଚିହ୍ନଟ

4585 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଭିନ୍ନକ୍ଷମ ଛାତ୍ର-ଛାତ୍ରୀମାନଙ୍କୁ ଶିକ୍ଷା ଦେବା ପାଇଁ ପ୍ରଶିକ୍ଷିତ Special Educator,ମାନଙ୍କର ସଂଖ୍ୟାର ତଥ୍ୟ ସରକାରଙ୍କ ନିକଟରେ ଅଛି କି ? ଯଦି ହଁ, ତେବେ ମୁକ-ବଧର/ ଦୃଷ୍ଟିଶକ୍ତି ବାଧ୍ୟ Special Educator ମାନଙ୍କର ସଂଖ୍ୟା ଦେବେକି, ଏମାନଙ୍କ ମଧ୍ୟରେ କେତେଜଣ ସରକାରୀ ନିଯୁକ୍ତି ପାଇଛନ୍ତି ? ରାଜ୍ୟରେ ମୂକ-ବଧୂର ଓ ଦୃଷ୍ଟିଶକ୍ତି ବାଧିତ ବାଳକ-ବାଳିକାର ସଂଖ୍ୟା କେତେ — ଜିଲ୍ଲାୱାରୀ ତଥ୍ୟ ଦେବେକି, ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିବାର ସରକାରୀ ପଦ୍ଧତି କ'ଣ ରହିଛି ?

----

## ପ୍ରଶିକ୍ଷକଙ୍କ ନିଯୁକ୍ତି

4586 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ହକି,ଫୁଟ୍‌ବଲ ଓ କ୍ରିକେଟ୍ କ୍ରୀଡ଼ାବିଦ୍ୟାମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଉକ୍ତ ବିଭାଗଗୁଡ଼ିକରେ କେତେଜଣ ଲେଖାଏଁ ପ୍ରଶିକ୍ଷକ (coach) ରାଜ୍ୟ ସରକାରଙ୍କ ତାଲିକାଭୁକ୍ତ ଅଛନ୍ତି ? ପ୍ରଶିକ୍ଷକମାନଙ୍କର ନିଯୁକ୍ତି ନିୟମିତ ନା ଚୁକ୍ତି ଭିତିକ ? ନିଯୁକ୍ତି ନିୟମିତ ହେଲେ ମାସିକ ଦରମା କେତେ ଏବଂ ଚୁକ୍ତି ଭିତିକ ହେଲେ ସର୍ତ୍ତାବଳୀ କ'ଣ ରହିଛି ?

----

## ବିଦ୍ୟାଳୟ ଖୋଲିବାପାଇଁ ପଦକ୍ଷେପ

4587 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗଜପତି ଜିଲ୍ଲାର ଅନେକଗୁଡିଏ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଅଭାବରୁ ବନ୍ଦ ହୋଇଯାଇଥିବା ବିଷୟ ସରକାର ଅବଗତ ଅଛନ୍ତି କି ଯଦି ଅଛନ୍ତି ତାହେଲେ ସେଗୁଡିକୁ ପୁନଃ ଖୋଲିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

4588 **Shri Rupesh Kumar Panigrahi (Paralakhemundi):**

Will the **Chief Minister** be pleased to state that:-:-

----

## ପର୍ବତାରୋହିଙ୍କୁ ପ୍ରୋତ୍ସାହନ

4589 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତେ ଜଣ କ୍ରିଡା ବିତ୍ ଦେଶ ବିଦେଶରେ ପର୍ବତଆହୋରଣ ଏବେ ସୁଦ୍ଧା କରିଅଛନ୍ତି ତାଙ୍କର ନାମ ତାଲିକା ଦେବା ସହ ରାଜ୍ୟ ସରକାର ସେମାନଙ୍କୁ କିଭଳି ପ୍ରୋତ୍ସାହନ କରିଥାନ୍ତି ଏବଂ ସେମାନଙ୍କର ଭବିଷ୍ୟତ ପାଇଁ କିଛି ଅଧିକ ବ୍ୟବସ୍ଥା ଅଛି କି ?

----

## ବିଶ୍ୱ ଓଡିଆ ସମ୍ମିଳନୀରେ ବ୍ୟୟ

4590 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ପ୍ରଥମ କରି ବିଶ୍ୱ ଓଡିଆ ସମ୍ମିଳନୀ ଭୁବନେଶ୍ୱର ଠାରେ କରାଗଲା ଏଥିରେ କେତେ ଅର୍ଥ ବିନିଯୋଗ କରାଯାଇଥିଲା କେଉଁ କେଉଁ ପଦ୍ଧତିରେ ଖର୍ଚ୍ଚ କରାଯାଇଥିବା ଟଙ୍କାର ତାଲିକା ଦେବା ସହ କେଉଁ ସଂସ୍ଥା Tent House କରିଥିଲେ ?

----

## ନାଟ୍ୟ ମଣ୍ଡପ ନିର୍ମାଣ

4591 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜୁନାଗଡ ସହରରେ ଗୋଟିଏ ନାଟ୍ୟ ମଣ୍ଡପ ନିର୍ମାଣ ପାଇଁ ସରକାରଙ୍କୁ ପୁର୍ବରୁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ଏହା ଉପରେ କଣ ପଦକ୍ଷେପ ନେଇଛନ୍ତି ?

----

## + 2 ଖୋଲିବା ପାଇଁ ପଦକ୍ଷେପ

4592 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜୁନାଗଡ ନିର୍ବାଚନ ମଣ୍ଡଳୀର ଜୁନାଗଡ ସ୍ଥିତ ଆବସିକ କନ୍ୟାଶ୍ରମରେ +2 ଖୋଲାଯିବା ପାଇଁ ସରକାରଙ୍କ ପାଖରେ ପ୍ରସ୍ତାବ ଅଛି କି ଯଦି ହଁ ତେବେ ଏହା କେବେ ସୁଦ୍ଧା ଖୋଲିବ ?

----

## ଭକ୍ତ ନିବାସ ନିର୍ମାଣ

4593 **ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୋରଡା ଠାରେ ଥିବା ବହୁ ପୁରାତନ ଜଗର୍ନାଥ ମନ୍ଦିରର ନିଜସ୍ୱ ଜମିରେ ଏକ ଜଗର୍ନାଥ ସଂସ୍କୃତି ଭବନ ଓ ଭକ୍ତ ନିବାସ ନିର୍ମାଣ କରି ସେଠାରେ ଭକ୍ତଙ୍କର ରହିବା ପାଇଁ ଆବଶ୍ୟକୀୟ ସୁବିଧା ପ୍ରଦାନ କରିବାକୁ ସରକାର ବ୍ୟବସ୍ଥା କରିବେ କି, ଏତତ୍ ବ୍ୟତିତ ମନ୍ଦିରର ରାଜସ୍ୱ ବୃଦ୍ଧିପାଇଁ ଓ ଦୈନନ୍ଦିନ ପୂଜାନିତି ଚାଲୁ ରହିବା ପାଇଁ ଆବଶ୍ୟକୀୟ ଆର୍ଥିକ ବ୍ୟବସ୍ଥାର ସହଜ ଉପାୟ ବାହାର କରିବା ପାଇଁ ପଦକ୍ଷେପ ନେବେ କି ?

----

## ପାଠାଗାର ପ୍ରତିଷ୍ଠା

4594 **ଶ୍ରୀ ନୀଳମଣି ବିଷୋୟୀ (ସୋରଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୋରଡା ନିର୍ବାଚନ ମଣ୍ଡଳୀର ସୋରଡା ଠାରେ ଛାତ୍ର ଛାତ୍ରୀ ମାନଙ୍କର ସୁବିଧା ପାଇଁ ଏକ ପାଠାଗାର ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ 300 ରୁ ଉର୍ଦ୍ଧ ଦର୍ଶକ ବସିବା ପାଇଁ ଏକ Auditorium ଏବଂ ସର୍ବସାଧାରଣଙ୍କ ପାଇଁ ଏକ ଛୋଟ Museum କରିବା ପାଇଁ ସରକାର ବ୍ୟବସ୍ଥା କରିବା ସହ ଏହି ଅଞ୍ଚଳରେ ବିକାଶ ପାଇଁ ପଦକ୍ଷେପ ନେବେ କି ?

----

## I.T.I ପ୍ରତିଷ୍ଠା ପାଇଁ ପଦକ୍ଷେପ

4595 **ଶ୍ରୀ ଅଶୋକ ମହାନ୍ତି (ପାଲଲହଡା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପାଲଲହଡା ନିର୍ବାଚନ ମଣ୍ଡଳି ରେ ଛାତ୍ର ଛାତ୍ରୀ ବୈଷୟୀକ, ଶିକ୍ଷା ଦେବା ପାଇଁ ସରକାରଙ୍କର କଣ ବ୍ୟବସ୍ଥା ଅଛି ଏକ ସରକାରୀ I.T.I ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବେ କି ?

----

## Agro-food park ନିର୍ମାଣ

4596 **ଶ୍ରୀ ଅଶୋକ ମହାନ୍ତି (ପାଲଲହଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଶିଳ୍ପ ବିହିନ, ପାଲ ଲହଡାରେ କୃଷି ଜାତ ସମ୍ବନ୍ଧିୟ Agro food park ନିର୍ମାଣ କରିବ କି ନିଯୁକ୍ତି ପାଇଁ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ନିଷ୍ପତି ନେବା କୁ ପଦକ୍ଷେପ ଗ୍ରହଣ କରିବେ କି ?

----

## B.Ed କଲେଜ ଖୋଲିବା ପାଇଁ ପଦକ୍ଷେପ

4597 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଓଡ଼ିଶାରେ କେତୋଟି B.Ed କଲେଜ୍ (ଜିଲ୍ଲା ୱାରୀ) ଅଛି ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ? ପ୍ରତି ବର୍ଷ କେତେ ଛାତ୍ର ଛାତ୍ରୀ ରଜ୍ୟରେ B.ED ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି; ଏବଂ (ଖ) ଯେତେ ପରିମାଣ ରେ B.Ed କଲେଜ୍ ଅଛି ତାହା ଓଡ଼ିଶାର ଛାତ୍ର ଛାତ୍ରୀଙ୍କର ଚାହିଦା ମୁତାବକ ଯଥେଷ୍ଟ ଅଛି କି ? ଯଦି ନୁହେଁ ପର୍ଯ୍ୟାପ୍ତ ପରିମାଣ ର କଲେଜ ଖୋଲିବା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଳନ

4598 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ୨୦୨୨ ମସିହା December ମାସରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜ୍ୟ ସଂଗ୍ରହାଳୟର କିଛି କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଅନ୍ୟ କେତେକ ନିର୍ଦ୍ଦେଶ ଦେଇଥିବା କଥା ସତ୍ୟ କି ? ଯଦି ହଁ ତେବେ ସେ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଆଦେଶ କାହିଁକି ପାଳନ କରାଯାଇନାହିଁ, ଏଥପାଇଁ ଦାୟୀ କିଏ ଏବଂ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଅନ୍ୟାନ୍ୟ ପଦକ୍ଷେପ ନିଆଯିବ ?

----

## କଳିଙ୍ଗ ଷ୍ଟୁଡିଓର ଉନ୍ନତି କରଣ

4599 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ମହାବାତ୍ୟା ପରେ ଓଡିଶା ସରକାର ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟୁଡିଓର ଉନ୍ନତିକରଣ ପାଇଁ କେଉଁ କେଉଁ ସମୟରେ କେତେ ଟଙ୍କା ଅନୁଦାନ ଦେଇଛନ୍ତି ? ଏହିସବୁ ଅନୁଦାନରେ କଣ କଣ ନୂତନ ନିର୍ମାଣ କରାଯାଇଛି ? କଳିଙ୍ଗଷ୍ଟୁଡିଓ ବିଗତ 25 ବର୍ଷ ମଧ୍ୟରେ କେତେ ଟଙ୍କା ଆୟ କରିଛି ଏବଂ କେଉଁ କେଉଁ ସୂତ୍ରରୁ ଆୟ କରିଛି ?

----

## ସିନେମା ହଲ୍ ନିର୍ମାଣ

4600 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- (କ) ରାଜ୍ୟରେ ଏବେ କେତେ ସିନେମା ହଲ୍ କାର୍ଯ୍ୟକ୍ଷମ ରହିଛି ଏବଂ ବିଗତ 10 ବର୍ଷ ମଧ୍ୟରେ କେତେ ସିନେମା ହଲ୍ ବନ୍ଦ ହୋଇଯାଇଛି, ସରକାରଙ୍କ ପକ୍ଷରୁ ନୂତନ ସିନେମା ହଲ୍ ନିର୍ମାଣ ଲାଗି କିଛି ପ୍ରୋତ୍ସାହନ ଦିଆଯିବାର ଯୋଜନା ରହିଛି କି; ଏବଂ (ଖ) ରାଜ୍ୟ ସରକାର ଓଡିଶାର ଚଳଚ୍ଚିତ୍ରର ଉନ୍ନତି ଲାଗି ଏକ ନୂତନ ସିନେମା ନୀତି ଆଣିବାକୁ କିଛି ପ୍ରସ୍ତାବ ବା ଯୋଜନା ରହିଛି କି ?

----

## ଶ୍ରେଣୀଗୃହ ନିର୍ମାଣ

4601 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ କେତୋଟି ସରକାରୀ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ପରିଚାଳିତ ହେଉଛି, ଏଥିମଧ୍ୟରୁ କେତୋଟିର ନିଜସ୍ୱ ଶ୍ରେଣୀଗୃହ ଅଛି ଓ କେତୋଟିର ନିଜସ୍ୱ ଶ୍ରେଣୀଗୃହ ନାହିଁ, ଯେଉଁ ବିଦ୍ୟାଳୟ ଗୁଡିକରେ ଶ୍ରେଣୀଗୃହ ନାହିଁ ସେଠାରେ ନୂତନ ଶ୍ରେଣୀଗୃହ ନିର୍ମାଣ କରାଯିବାର ବ୍ୟବସ୍ଥା କରିବେ କି ?

----

## ଅନୁଦାନ ପରିମାଣ

4602 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ମାଥିଲି, ଚିତ୍ରକୋଣ୍ଡା, ଖଇରିପୁଟ ଓ କୋରକଣ୍ଡା ଏବଂ ବାଲିମେଳା NAC ଅନ୍ତର୍ଗତ କଲେଜ ଗୁଡିକର ଉନ୍ନତି ନିମନ୍ତେ ସରକାର ବିଗତ ବର୍ଷ କେଉଁ କେଉଁ କାର୍ଯ୍ୟ ନିମନ୍ତେ କେତେ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି, ଏଥିମଧ୍ୟରୁ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ଏବଂ କେତେ ବକେୟା ପଡିରହିଛି, ଏହା କେବେସୁଦ୍ଧା ଖର୍ଚ୍ଚ କରାଯିବ ?

----

## JSES ସୁବିଧା ପାଇବା ପାଇଁ ପଦକ୍ଷେପ

4603 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ମାନଙ୍କର ନିଯୁକ୍ତି ବିଜ୍ଞାନ ଓ କଳା ଶିକ୍ଷକ ପରି ତାଲିମ ପ୍ରାପ୍ତ ସ୍ନାତକ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ହେଉଥିବା ବେଳେ ସେମାନଙ୍କୁ ରାଜ୍ୟ କ୍ୟାଡର ସହ JSES (Junior Sub-ordinate Education Service) ପଦବୀ ସୁବିଧାରୁ ବଞ୍ଚିତ କରାଯାଉଛି କି, ଯଦି 'ହଁ' ତାହେଲେ ସେ ସୁବିଧା ସେମାନେ ପାଇବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ବଦଳି ନୀତି ସମ୍ପର୍କରେ

4604 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ସରକାରୀ ବିଦ୍ୟାଳୟରେ ଦମ୍ପତି (କେବଳ ଉଭୟ ଶିକ୍ଷକ/ ଶିକ୍ଷୟତ୍ରୀ ଥିଲେ) ଙ୍କ ପାଇଁ Mutual/ ସ୍ୱାସ୍ଥ୍ୟଗତ ବଦଳି ଭଳି ସମାନ ବଦଳି ସୁବିଧା ଥିବା ବେଳେ, ଏହି ବଦଳି ପ୍ରକ୍ରିୟାରେ ସମସ୍ତ ଦମ୍ପତ୍ତି ଶିକ୍ଷକ (ଉଭୟ ମଧ୍ୟରୁ ଜଣେ ଅନ୍ୟ ସରକାରୀ କର୍ମଚାରୀ) ଙ୍କୁ ପାଇଁ Mutual/ ସ୍ୱାସ୍ଥ୍ୟଗତ ବଦଳି ନୀତି ଭଳି ସମାନ ବଦଳି ବ୍ୟବସ୍ଥା କରିବେ କି ?

----

## 6th Pay ହିସାବରେ ଦରମା ପ୍ରଦାନ

4605 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- OSEPA ର 30th EC ଅନୁସାରେ ରାଜ୍ୟ ଓ ଜିଲ୍ଲାସ୍ତରର କର୍ମଚାରୀମାନେ 6th Pay ହିସାବରେ ଦରମା ପାଉଥିବା ବେଳେ BEO, ଷ୍ଟାଫ୍ ମାନଙ୍କ ପାଇଁ EC ରେ ବ୍ୟବସ୍ଥା ଥିବାବେଳେ ସେମାନେ 6th pay ହିସାବରେ ଦରମା ଦିଆଯାଉନଥିବା ସରକାର ଜାଣନ୍ତି କି, ଯଦି 'ହଁ' ତେବେ ସରକାର ସେମାନଙ୍କ ପାଇଁ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବେ ?

----

## କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ

**4606 ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ସମଗ୍ର ଶିକ୍ଷା ଅଧିନରେ 314 ଗୋଟି ବ୍ଲକରେ ବ୍ଲକ ଏଜୁକେସନ୍ ଅଫିସରଙ୍କ କାର୍ଯ୍ୟାଳୟରେ 2012 ମସିହା ଠାରୁ ୨୪୮ ଜଣ Accountant-cum-Support Staff କାର୍ଯ୍ୟ କରିଆସୁଛନ୍ତି ମାସିକ ବର୍ତ୍ତମାନ ମାତ୍ର Rs.9735/- ଟଙ୍କା ଦରମା ପାଉଥିବା ସରକାର ଜାଣନ୍ତି କି, ଯଦି 'ହଁ', ତେବେ ସରକାର ସେମାନଙ୍କୁ Regular କେବେସୁଦ୍ଧା କରିବାର ପ୍ରସ୍ତାବ ରଖିଛନ୍ତି କି ?

----

## ବିର୍ଲା ଟାୟାରକୁ ଚଲାଇବା ପାଇଁ ପଦକ୍ଷେପ

**4607 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ବାଲେଶ୍ୱରରେ କେତେଗୋଟି ଶିଳ୍ପ ସଂସ୍ଥା ଅଛି ନାମ/ ଉତ୍ପାଦିତ ସାମଗ୍ରୀ/ ଠିକଣା/ କର୍ମଚାରୀ ଓ ଶ୍ରମିକ ସଂଖ୍ୟାୱାରୀ ତଥ୍ୟ ଦେବାସହ Tata Steel FAP ବାଲେଶ୍ୱରର ସମ୍ପୂର୍ଣ୍ଣ ତଥ୍ୟ ଦେବା ସହ ଉକ୍ତ ଶିଳ୍ପରେ ପ୍ରଦୂଷଣ ନିୟମ ଉଲ୍ଲଙ୍ଘନ ହେବାର ଅଭିଯୋଗ ହେଉଥିବାରୁ ଶିଳ୍ପ ବିଭାଗ ପକ୍ଷରୁ ପରିବେଶ ବିଭାଗକୁ ସ୍ୱତନ୍ତ୍ର ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦେବେ କି ; ଏବଂ (ଖ) ବାଲେଶ୍ୱର ବିର୍ଲା ଟାୟାର ଶିଳ୍ପକୁ ଚଲେଇବା ପାଇଁ ନେଇଥିବା ସଂସ୍ଥା କେବେସୁଦ୍ଧା ଉକ୍ତ କାରଖାନା ଚଲେଇବେ, Dalmia ଓ Himadri ନେବାପରେ କେତେଜଣ ଶ୍ରମିକ ଓ କର୍ମଚାରୀ କେଉଁ ଆକାରରେ ନିଯୁକ୍ତି ପାଉଛନ୍ତି, ନିଯୁକ୍ତି ପାଇଥିବା ଲୋକଙ୍କ ନାମ/ ଠିକଣା/ କେଉଁ କାର୍ଯ୍ୟ ପାଇଁ ନିଯୁକ୍ତି ପାଇଛନ୍ତି ?

----

## OAV ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ

**4608 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲେଶ୍ୱର ହିଞ୍ଜଳାରେ ପ୍ରସ୍ତାବିତ OAV ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ କେଉଁ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ହେବାପାଇଁ ଲକ୍ଷ୍ୟ ରଖାଯାଇଛି ଓ କେବେସୁଦ୍ଧା ଉକ୍ତ ସ୍କୁଲକୁ ସ୍ଥାନାନ୍ତରିତ କାର୍ଯ୍ୟ କରାଯିବ ଏବଂ ବର୍ତ୍ତମାନ ଓଡଙ୍ଗୀ ପଞ୍ଚାୟତର ବାତ୍ୟା ଘରେ ଚାଲୁଥିବା ଆଦର୍ଶ ବିଦ୍ୟାଳୟ ପାଠପଢାରେ ନାନାଦି ପ୍ରକାରର ଅସୁବିଧା ହେଉଥିବା ସ୍ଥଳେ ଏହାର ସମାଧାନ ପାଇଁ ପଦକ୍ଷେପମାନ ଗ୍ରହଣ କରିବେ କି ?

----

## ଛାତ୍ର ଛାତ୍ରୀଙ୍କ ଉପସ୍ଥାନ

**4609 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବିଗତ ଦୁଇ ବର୍ଷ ମଧ୍ୟରେ ଉଚ୍ଚ ବିଦ୍ୟାଳୟ ଗୁଡିକର ରୁପାନ୍ତରଣ (5T) ହେବା ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ଉପସ୍ଥାନ କେଉଁ ବର୍ଷ କେତେ ବଢିଛି ତା'ର ସବିଶେଷ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## CL / EL ନେବାର ବିଧି

**4610** **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ସମ୍ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବ୍ଲକ ଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟ ଗୁଡିକରେ କାର୍ଯ୍ୟରତ ଶିକ୍ଷକ, ଶିକ୍ଷୟତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ମାନଙ୍କ କେତେଦିନ C.L ଓ E.L ନେବାର ବିଧି ଅଛି ଓ ତାହା କେବେଠାରୁ ପ୍ରଚଳିତ ?

----

## ଶିଳ୍ପ ସଂସ୍ଥା ପ୍ରତିଷ୍ଠା

**4611** **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ କି କି ଶିଳ୍ପ ସଂସ୍ଥା ରହିଛି, ଏହି ଶିଳ୍ପ ସଂସ୍ଥାରେ କେତେଜଣଙ୍କୁ ନିଯୁକ୍ତି ମିଳିଛି, ଏହାର ଶିଳ୍ପସଂସ୍ଥାୱାରୀ ବିଶଦ ବିବରଣୀ ପ୍ରଦାନ କରିବେ କି ; ଏବଂ (ଖ) ଆଗାମୀ ଦିନରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ କି କି ଶିଳ୍ପ ସଂସ୍ଥା ପ୍ରତିଷ୍ଠା ପାଇଁ କେଉଁ କେଉଁ କମ୍ପାନୀ ପ୍ରତିଶୃତି ଦେଇଛନ୍ତି, କେତୋଟି ପ୍ରକଳ୍ପକୁ ରାଜ୍ୟ ସରକାର ଅନୁମୋଦନ ଦେଇଥିବା ବେଳେ ଏନେଇ କେଉଁ କେଉଁ ପ୍ରକଳ୍ପ କେଉଁ ସ୍ଥିତିରେ ରହିଛି ?

----

## Instructor ମାନଙ୍କ ଚାକିରୀ ସ୍ଥାୟୀ କରିବା ପାଇଁ ପଦକ୍ଷେପ

**4612** **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡିଶାରେ 2007 ଏବଂ 2009 ମସିହାରେ ନିଯୁକ୍ତି ପାଇଥିବା Santali ଏବଂ Mundari Language Instructor ମାନଙ୍କୁ ଅଦ୍ୟାବଧି କେତେଜଣଙ୍କର ଚାକିରୀ ନିୟମିତକରଣ କରାଯାଇଛି, ଏବଂ ଅବଶିଷ୍ଟ କେତେଜଣ Language Instructor ଙ୍କୁ ନିୟମିତ କରଣ କରାଯାଇନାହିଁ ? ଏହାର ଏକ ତାଲିକା Language Instructors ମାନଙ୍କ ନାମ ଓ ବିଦ୍ୟାଳୟୱାରୀ ପ୍ରଦାନ କରିବେ କି ?

----

## ରୋଜଗାର ସମସ୍ୟା ଦୂର ପାଇଁ ପଦକ୍ଷେପ

**4613** **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ଅବିଭକ୍ତ କୋରାପୁଟ ଜିଲ୍ଲାର ସାମରିକ ଓ ଅର୍ଦ୍ଧ ସାମରିକ ବାହିନୀରେ ଯୋଗ ଦେବାପାଇଁ ଯୁବ ଗୋଷ୍ଠୀଙ୍କୁ ରୋଜଗାରକ୍ଷମ ଉଦ୍ଦେଶ୍ୟରେ ଶାରିରୀକ ଓ ବୌଦ୍ଧିକ ତାଲିମ କାର୍ଯ୍ୟକ୍ରମ କେଉଁ କେଉଁ ଠାରେ କରାଯାଇଅଛି ତା'ର ତାଲିକା ପ୍ରଦାନ କରିବେ କି ; ଏବଂ (ଖ) ଅବିଭକ୍ତ କୋରାପୁଟ ଜିଲ୍ଲାରେ କେବେ କେବେ Open Selection କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଅଛି ଓ ଏଥିରେ କେତେଜଣ ଅଂଶଗ୍ରହଣ କରି କେତେଜଣଙ୍କୁ ଚୟନ କରାଇ ନିଯୁକ୍ତି ଦିଆଯାଇଅଛି, ଆଗାମୀ ଦିନରେ ରୋଜଗାର ସମସ୍ୟା ଦୂର ପାଇଁ କି କି ଯୋଜନାମାନ ହାତକୁ ନେଇଛନ୍ତି ?

----

## ହୋ ଭାଷାକୁ ସମ୍ବିଧାନରେ ଅଷ୍ଟମସୂଚୀରେ ସ୍ଥାନ ଦେବା ପାଇଁ ପଦକ୍ଷେପ

4614 **ଶ୍ରୀ ପଦ୍ମ ଚରଣ ହାଇବୁରୁ (କରଞ୍ଜିଆ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ହୋ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ଦାବୀ ଉପରେ ସରକାର ଏପର୍ଯ୍ୟନ୍ତ କି କି ପଦକ୍ଷେପ ନେଇଛନ୍ତି, ଏବଂ ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା ନେଇ ସରକାର କି କି ପଦକ୍ଷେପ ନେଇଛନ୍ତି ?

----

## ଲଉଡି ନୃତ୍ୟ ପ୍ରଦାନ

4615 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଗତ ତିନି ବର୍ଷରେ ରାଜଧାନୀ ଭୁବନେଶ୍ୱର ସହ ରାଜ୍ୟକୁ ଆସୁଥିବା କେଉଁ ବିଶିଷ୍ଟ ବ୍ୟକ୍ତିଙ୍କୁ ସ୍ୱାଗତ ପାଇଁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ କେଉଁ ତାରିଖରେ କେଉଁ କେଉଁ ସାଂସ୍କୃତିକ ଦଳକୁ ନିୟୋଜିତ କରି ସେମାନଙ୍କୁ ପାରିଶ୍ରମିକ ଭାବରେ କେତେ ଅର୍ଥ ପ୍ରଦାନ କରାଯାଇଛି, ପ୍ରକାଶ କରି ରାଜ୍ୟର ଲୋକପ୍ରିୟ, ଲୋକକଳା, ଲଉଡି ନୃତ୍ୟ ଦଳକୁ ଏଥିରେ ସାମିଲ୍ ନକରିବାର କାରଣ କ'ଣ, ପ୍ରକାଶ କରି ଲୁଡିରୁ ଦାଣ୍ଡିଆ ସୃଷ୍ଟି ହୋଇଥିବା ପରିପ୍ରେକ୍ଷୀରେ ଆଗାମୀ ଦିନରେ ଲଉଡି ନୃତ୍ୟ ଦଳକୁ ସାମିଲ ବାଧ୍ୟତାମୂଳକ କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## ଗଞ୍ଜାମ ଜିଲ୍ଲାରେ ଶିଳ୍ପ ସଂଖ୍ୟା

4616 **ଶ୍ରୀ ସରୋଜ କୁମାର ପ୍ରଧାନ (ବୌଦ୍ଧ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗଞ୍ଜାମ ଜିଲ୍ଲାରେ ମୋଟ ଶିଳ୍ପ ସଂଖ୍ୟା କେତେ, କେଉଁ ବର୍ଷ କେଉଁ ଶିଳ୍ପ ବନ୍ଦ ହୋଇଛି, ଗତ 10 ବର୍ଷ ମଧ୍ୟରେ ଜିଲ୍ଲାର କେଉଁ ଠାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଦଖଲ ହୋଇଅଛି କି, ଆଗାମୀ 5 ବର୍ଷ ଗଞ୍ଜାମରେ ଶିଳ୍ପ ପ୍ରତିଷ୍ଠା ପାଇଁ କୌଣସି ଯୋଜନା ସରକାର ରଖିଛନ୍ତି କି, ଗୋପାଳପୁର ଟାଟା କରିଡରରେ କେତେଗୋଟି ଘରୋଇ ଶିଳ୍ପ ଚାଲିଛି, ତାଙ୍କର ବ୍ୟବହୃତ ଜମି କେତେ, ନିଯୁକ୍ତି ଶ୍ରମିକଙ୍କ ସଂଖ୍ୟା କେତେ ?

----

## OBC ଜନସଂଖ୍ୟା

4617 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଆମ ରାଜ୍ୟରେ OBC ଜନସଂଖ୍ୟା କେତେ, ଜାତି ଭିତ୍ତିକ ଜନଗଣନା କେବେ ଆରମ୍ଭ ହେବ, OBC 27% ସଂରକ୍ଷଣ କେବେ କାର୍ଯ୍ୟକାରୀ ହେବ, ଏଥି ସଂକ୍ରାନ୍ତରେ ମାନ୍ୟବର ହାଇକୋର୍ଟ ମକଦ୍ଦମା କେବେଠାରୁ ଚାଲିଛି, ରାଜ୍ୟ ସରକାର କେତେ ଖର୍ଚ୍ଚ କଲେଣି, କେଶ୍ କେବେ ଫଇସଲା ହେବ, କୋର୍ଟରେ ରାଜ୍ୟ ସରକାରଙ୍କ ତରଫରୁ କେଉଁମାନେ ମକଦ୍ଦମା ଲଢୁଛନ୍ତି, ଆମ ରାଜ୍ୟରେ କେଉଁ କେଉଁ ଜାତି OBC ଓ SEBC ତାଲିକା ଦେବେ କି ?

----

## ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ପ୍ରତିଷ୍ଠା

4618 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଉତ୍କଳ ବିଶ୍ୱ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ଯେମିତି ଚଣ୍ଡିଖୋଲ ଠାରେ ପ୍ରତିଷ୍ଠା ହୋଇଅଛି ଠିକ୍ ସେମିତି ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ ପ୍ରତିଷ୍ଠାର କିଛି ଯୋଜନା ଅଛି କି, ଯଦି 'ହଁ' ତେବେ, ଦେବଗଡ ଜିଲ୍ଲାରେ ପ୍ରତିଷ୍ଠା କରିବେ କି ?

----

## ଡ୍ରପ୍ ଆଉଟ୍ ରୋକିବା ପାଇଁ ପଦକ୍ଷେପ

4619 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାୟଗଡା ଜିଲ୍ଲାରେ ଡ୍ରପ୍ ଆଉଟ୍ ହାର କେତେ, ଏହାର ହ୍ରାସ ପାଇଁ ବିଭାଗ କ'ଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି, ଡ୍ରପ୍ ଆଉଟ୍ ହାର କମାଇବା ପାଇଁ କ'ଣ ପଦକ୍ଷେପ ନେବେ କହିବେ କି ?

----